## ଆଜି କ'ଣ କେଉଁଠି

**ଧର୍ମଶାଳା**

- ମାଗଣା ମଧୁମେହ ପରୀକ୍ଷା ଶିବିର, ସ୍ଥାନ-ଜାରକାସ୍ଥିତ ସାର୍ଥକ ହସ୍ପିଟାଲ, ସମୟ ପୂର୍ବାହ୍ନ ୮ଟାରୁ ମଧ୍ୟାହ୍ନ ୨ଟା।
- ଶିଶୁ ସାହିତ୍ୟ ସ୍ରଷ୍ଟା ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ଜୟନ୍ତୀ, ସ୍ଥାନ-ଧର୍ମଶାଳା ମହାବିଦ୍ୟାଳୟ, ସମୟ- ପୂର୍ବାହ୍ନ ୧୦ଟା।

# ଯୋକଡ଼ିଆ କେନାଲ ପୁନରୁଦ୍ଧାର ଦାବି ତେଜିଲା

**ଯାଜପୁର,୨୩।୧୨(ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ବ୍ଲକର ନାଥସାହି, ଭୁବନେଶ୍ୱରପୁର, ଖଇରାବାଦ, ଚଇନପୁର, ବେରୁଦା, ମାଳଆନନ୍ଦପୁର ପ୍ରଭୃତି ୧୦ ପଞ୍ଚାୟତର ପ୍ରାୟ ଶତାଧିକ ଗ୍ରାମ ବନ୍ୟା ଓ ମରୁଡ଼ି ଦ୍ୱାରା ପ୍ରଭାବିତ। ଏଥିଯୋଗୁ କୃଷକ ପରିବାରଙ୍କ ଜୀବନ ଜୀବିକା ଦୁର୍ବିଷହ ହୋଇପଡ଼ିଛି। ଫସଲକୁ ସୁରକ୍ଷା ଦେବା କ୍ଷେତ୍ରରେ ସରକାର ବିଫଳ ହୋଇଛନ୍ତି ବୋଲି ଆଞ୍ଚଳିକ ନାଗରିକ ସୁରକ୍ଷା ପରିଷଦ ଅଭିଯୋଗ କରିଛି। ଏହିକ୍ରମରେ ପରିଷଦ ପକ୍ଷରୁ ରୁଢିଆ-ଯୋକଡ଼ିଆ କେନାଲର ପୁନରୁଦ୍ଧାର, ଯମୁନା ନଦୀର ପୂର୍ବ ପଟେ ସୁଦୃଢ଼ ନଦୀବନ୍ଧ ନିର୍ମାଣ, ବୈଦିନାଳର ପୁନଃ ଖନନ ଇତ୍ୟାଦି ଦାବି କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗତ ନଭେମ୍ବର ୨୪ରେ ଶତାଧିକ ନାଗରିକଙ୍କ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହା ଉପରେ ଜଳ ସମ୍ପଦ ବିଭାଗ ପକ୍ଷରୁ ଅଧସ୍ତନ ସଚିବ ଭାଗୀରଥି ପାଢ଼ୀ ଅଭିଯୋଗର ସତ୍ୟାସତ୍ୟ ଅନୁସନ୍ଧାନ କରି ଏକ ତଥ୍ୟମୂଳକ ରିପୋର୍ଟ ଦାଖଲ କରିବାକୁ ବିଭାଗୀୟ ଇଞ୍ଜିନିୟର-ଇନ୍-ଚିଫ୍‌ଙ୍କୁ ପତ୍ର ଲେଖିଛନ୍ତି। ଏହାପରେ ପ୍ରଭାବିତ ଅଞ୍ଚଳବାସୀଙ୍କ ଦୀର୍ଘଦିନର ସମସ୍ୟାର ସମାଧାନ ହେବା ସମ୍ଭାବନା ସୃଷ୍ଟି କରିଛି। ପରିଷଦ ପକ୍ଷରୁ ହୋଇଥିବା ଅଭିଯୋଗ ଅନୁସାରେ ନିର୍ବାଚିତ ପ୍ରତିନିଧି ବଦଳୁଛନ୍ତି।

### ଆଶା ଦେଖାଇଲା ଜଳ ସମ୍ପଦ ବିଭାଗ



ଯୋକଡ଼ିଆ କେନାଲ ପୋତିହୋଇଯାଇଛି।

କିନ୍ତୁ ବଦଳି ନାହିଁ ଅଞ୍ଚଳର କୃଷି ଓ କୃଷିକ୍ଷେତ୍ରର ସୁରକ୍ଷା ସମ୍ବନ୍ଧିତ ସମସ୍ୟା। ଜନପ୍ରତିନିଧିଙ୍କ ଆନ୍ତରିକ ବିହୀନ ପ୍ରତିଶ୍ରୁତି ଅଞ୍ଚଳବାସୀଙ୍କ ପ୍ରତି ଅଟ୍ଟହାସ୍ୟ ଭଳି ମନେହୁଏ ବୋଲି ପରିଷଦର ସଭାପତି ଲଳିତ ମୋହନ, କାର୍ଯ୍ୟକାରୀ ସଭାପତି ଅରବିନ୍ଦ ମହାନ୍ତି, ବୃନ୍ଦାବନ ଦାଶ, ସାଧାରଣ ସମ୍ପାଦକ ରାମଚନ୍ଦ୍ର ବିହାରୀ, ସହ ସମ୍ପାଦକ ବିଜୟ କୁମାର ଘଡାଇଙ୍କ ସମେତ ଗୋପାଳ କୃଷ୍ଣ ସାହୁ, ମହେନ୍ଦ୍ର ସ୍ୱାଇଁ, ଧନେଶ୍ୱର ସାମଲ, ଘନଶ୍ୟାମ ମହାପାତ୍ର ପ୍ରମୁଖ ଶତାଧିକ ନାଗରିକ ଅଭିଯୋଗ ଆଣିଛନ୍ତି। ସୂଚନାଯୋଗ୍ୟ ଯେ, ଯାଜପୁର ଜିଲାର ଖରସ୍ରୋତା ନଦୀର ପୂର୍ବ ଦିଗରେ ପନିପରିବା ଚାଷରେ ପ୍ରାଚୁର୍ଯ୍ୟ ରହିଥିବାବେଳେ ପଶ୍ଚିମରେ ଶୁଖା ପଡିଛି। ଖରସ୍ରୋତା ନଦୀର ଯୋକଡ଼ିଆ ବ୍ୟାରେଜରୁ ଉତ୍ପତ୍ତି ହୋଇଥିବା ପ୍ରାୟ ଦେଢ଼ଶହ ବର୍ଷ ପୁରୁଣା ହାଇଲେଭଲ କେନାଲ ପୋତି ହୋଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ଜିଲାର କୋରେଇ ଏବଂ ଯାଜପୁର ନିର୍ବାଚନମଣ୍ଡଳୀର ୩୦ରୁ ଊର୍ଦ୍ଧ୍ୱ ପଞ୍ଚାୟତବାସୀ କେନାଲ ଥାଇ ବି ଚାଷ ପାଇଁ ସମ୍ପୂର୍ଣ୍ଣ ଭାବେ ବର୍ଷା ଉପରେ ନିର୍ଭରଶୀଳ। ନଅଙ୍କ ଦୁର୍ଭିକ୍ଷ ପରେ ମହାନଦୀଠାରୁ ଧାନମଣ୍ଡଳ, ଜେନାପୁର ଓ ଖରସ୍ରୋତା ନଦୀର ଯୋକଡ଼ିଆଠାରୁ ଟିକର ଓ ରୁଢିଆ ଦେଇ ହାଇଲେଭଲ କେନାଲ ବ୍ରିଟିଶ ଅମଳରେ ନିର୍ମାଣ କରାଯାଇଥିଲା। ଏଥିପାଇଁ ଯୋକଡ଼ିଆଠାରେ ଏକ ବ୍ୟାରେଜ ନିର୍ମାଣ ହୋଇଥିଲା। ଏଯାଏ ତାହା ଦେଖିବାକୁ ମିଳିଛି। ଏହାଦ୍ୱାରା ଚାଷୀମାନେ କିପରି ଜଳସେଚନର ସୁବିଧା ପାଇପାରିବେ ସେ ନେଇ ଇଂରେଜ ଅମଳରେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ହୋଇଥିଲା। ଏହାସହ ବ୍ରିଟିଶ ଅମଳରେ ଜଳପଥରେ ବେପାର ବଣିଜ ପାଇଁ ଏହି ଯୋକଡ଼ିଆ ହାଇଲେଭଲ କେନାଲକୁ ବ୍ୟବହାର କରାଯାଉଥିଲା। ତେଣୁ ଏହି ପୁରାତନ କେନାଲର ପୁନରୁଦ୍ଧାର ପାଇଁ ଯୋକଡ଼ିଆଠାରେ ଏକ ନୂତନ ବ୍ୟାରେଜ ନିର୍ମାଣ କରିବାକୁ ପରିଷଦ ଦାବି କରିଛି। ଏହାବାଦ ଯମୁନା ନଦୀର ପୂର୍ବ ଦିଗ କୂଳେକୂଳେ ବାସୁଦେବ ପୀଠଠାରୁ ଭାୟା କଳସଡ଼ିହ ଓ ବାହାବଳପୁର ଶନିମଠ ଦେଇ ୨୦ ନମ୍ବର ଜାତୀୟ ରାଜପଥ ସହ ସୁଉଚ୍ଚ ତଥା ସୁଦୃଢ଼ ବନ୍ଧ ନିର୍ମାଣ, ବହୁ ବର୍ଷ ହେଲା ପୋତି ହୋଇଥିବା ବୈଦିନାଳକୁ ପୁନଃଖନନ କରି ଉଦ୍ଧାର କରାଗଲେ ଭୁବନେଶ୍ୱରପୁର, ଭୂଇଁପୁର, ଗୋଳେଇପୁର, ତଣ୍ଡରା ପଞ୍ଚାୟତର ସମସ୍ତ କୃଷିକ୍ଷେତ୍ର ସୁରକ୍ଷିତ ରହି ପାରିବ ବୋଲି ଦାବି କରାଯାଇଛି। ତେବେ ଏହି ସମସ୍ୟାର ସମାଧାନ ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବାରୁ ଆଗାମୀ ଦିନରେ ଏହା କେତେଦୂର କାର୍ଯ୍ୟକାରୀ ହେଉଛି ତାହା ସମୟ ହିଁ କହିବ ବୋଲି ପରିଷଦ ପକ୍ଷରୁ ମତପ୍ରକାଶ ପାଇଛି।

## ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ




କଳିଙ୍ଗ ଭାରତୀ ସଂସ୍କୃତ ମହାବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ବାଲିଚନ୍ଦ୍ରପୁର,୨୩।୧୨(ଗିରିଜା ପ୍ରସାଦ ସାହୁ):** କଳିଙ୍ଗ ଭାରତୀ ସଂସ୍କୃତ ମହାବିଦ୍ୟାଳୟ ବାଲିଚନ୍ଦ୍ରପୁରଠାରେ ଯୁବ ଓଡ଼ିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫୁଲ୍ଲ ବାରିକଙ୍କ ଅଧ୍ୟକ୍ଷତାରେ ସାହାସପୁର ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଫେସର ମହେଶ୍ୱର ଜେନା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତାଭାବେ ମାହାଙ୍ଗା-ବଡ଼ଚଣା ସାହିତ୍ୟ ଓ ସଂସ୍କୃତି ପରିଷଦର ସଭାପତି କବି ଭକ୍ତ ଚରଣ ସାହୁ ଯୋଗଦେଇ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ପ୍ରତିଭା ବିକଶିତ ହୋଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ମହାବିଦ୍ୟାଳୟ ପ୍ରତିଷ୍ଠାତା ମନୋଜ ପରିଡ଼ା, ପ୍ରାକ୍ତନ ସରପଞ୍ଚ ଫନିନ୍ଦ୍ରନାଥ ପଣ୍ଡା, ବାଲିଚନ୍ଦ୍ରପୁର ସମିତିସଭ୍ୟା ବନ୍ଦିତା ମହାରଣା ଓ ତପନ ରାଉତରାୟ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମହାବିଦ୍ୟାଳୟ ପରିସରରେ ଅନ୍ତଗୃହ ଖେଳ ଅନୁଷ୍ଠିତ ହୋଇଥିଲା। ଛାତ୍ରୀ ରଶ୍ମିତା ଦାସ ନିଜର କଳା ଓ କ୍ରୀଡ଼ା କ୍ଷେତ୍ରରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଅଧ୍ୟାପିକା ମମତା ରାଉତ, ଅଧ୍ୟାପକ ଶ୍ରୀକାନ୍ତ ପଣ୍ଡା, ଶଙ୍କର ମିଶ୍ର, ତୁଷାର ରଞ୍ଜନ ମାନସିଂ, ସୁଧାଂଶୁ ପରିଡ଼ା ଓ ସୁନୀଲ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ ସଂଗ୍ରାମ କେଶରୀ ଦାଶ ଅତିଥି ପରିଚୟ ଓ ଅଧ୍ୟାପକ ଦିଲୀପ ଦେବତା ଧନ୍ୟବାଦ ଦେଇଥିଲେ।

## ଅଯୋଧ୍ୟାରୁ ଆସିଥିବା ଅକ୍ଷତ କଳସ ପଞ୍ଚାୟତକୁ ପ୍ରଦାନ

**ରସୁଲପୁର,୨୩।୧୨(ରଞ୍ଜିତ ରାଉତ):** ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଭବ୍ୟ ମନ୍ଦିରର ପ୍ରାଣ ପ୍ରତିଷ୍ଠା ୨୨ଜାନୁୟାରୀ ୨୦୨୪ରେ ଅନୁଷ୍ଠିତ ହେବ। ଏଥିରେ ପ୍ରତ୍ୟେକ ହିନ୍ଦୁ ପରିବାର ସାମିଲ ହେବାପାଇଁ ଜନମାନସକୁ ନିମନ୍ତ୍ରଣ ଉଦ୍ଦେଶ୍ୟରେ ଅଯୋଧ୍ୟାରୁ ଆସିଥିବା ଅକ୍ଷତ କଳସକୁ ମର୍ତ୍ତ୍ୟବୈକୁଣ୍ଠ ଗୋଲଖଧାମ, ଆଦମପୁରଠାରେ ପୂଜା କରାଯିବା ପରେ ରସୁଲପୁର ବ୍ଲକର ୨୮ ପଞ୍ଚାୟତର ପ୍ରମୁଖମାନଙ୍କୁ ପ୍ରଦାନ କରାଯାଇଛି। କର୍ତ୍ତାଭାବେ ଗୋରଧା ଗ୍ରାମର ଅମୂଲ୍ୟ ସାହୁ ଓ ତାଙ୍କ ସହଧର୍ମିଣୀ ଯଜ୍ଞର ସମସ୍ତ ବିଧି ସମ୍ପୂର୍ଣ୍ଣ କରାଇଥିଲେ। ପରେ ଜିଲା ବଜରଙ୍ଗ ଦଳର ପୂର୍ବତନ ସଂଯୋଜକ ଚନ୍ଦ୍ରକାନ୍ତ କର ପଞ୍ଚାୟତରୁ ଆସିଥିବା ପ୍ରମୁଖମାନଙ୍କୁ ଉତ୍ତରୀୟ ସହିତ ଅଭିମନ୍ତ୍ରିତ ଅକ୍ଷତ କଳସ ପ୍ରଦାନ କରିଥିଲେ। ଏହି ଅଭିମନ୍ତ୍ରିତ ଅକ୍ଷତ ଓ ନିମନ୍ତ୍ରଣ ପତ୍ରକୁ ପଞ୍ଚାୟତ ପ୍ରମୁଖଙ୍କ ମାଧ୍ୟମରେ ଗ୍ରାମର ପ୍ରତ୍ୟେକ ପରିବାରକୁ ଜାନୁୟାରୀ ୧ରୁ ୧୫ ତାରିଖ ମଧ୍ୟରେ ପ୍ରଦାନ କରାଯିବ।

ବ୍ଲକ୍ ବଜରଙ୍ଗ ଦଳ ପୂର୍ବତନ ସହ-ସଂଯୋଜକ ଦୀପକ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯଶୋବନ୍ତ ଦାସ, ଶରତ ସାହୁ, ଅମିୟ ରଞ୍ଜନ ସାହୁ, ନଟବର ସାହୁ, ଗଗନ ବିହାରୀ ମହାନ୍ତି, ରବୀନ୍ଦ୍ର ସାହୁ, ପଙ୍କଜ ପଣ୍ଡା, ନିରୋଦକାନ୍ତ ସାହୁ, ଅଶୋକ ଦାସ, ଉତ୍ତମ ପାଲ, ହେମନ୍ତ ଜେନା, ନିରାକାର ସାହୁ ଓ ଧନେଶ୍ୱର ବିଶ୍ୱାଳ ପ୍ରମୁଖଙ୍କ ସମେତ ୧୫୦ରୁ ଊର୍ଦ୍ଧ୍ୱ ଶ୍ରୀରାମ ଭକ୍ତ ଉପସ୍ଥିତ ଥିଲେ।

## ଉପେନ୍ଦ୍ର ତ୍ରିପାଠୀଙ୍କ ଗ୍ରନ୍ଥାବଳୀ କାଳଜୟୀ ହୋଇ ରହିବ




ଉପେନ୍ଦ୍ର ତ୍ରିପାଠୀଙ୍କ ପୁଣ୍ୟ ତିଥିରେ ମଞ୍ଚାସୀନ ଅତିଥି।

**ଧର୍ମଶାଳା,୨୩।୧୨(ବଟକୃଷ୍ଣ ପରିଡ଼ା):** ଗୋକର୍ଣ୍ଣିକା ସାହିତ୍ୟ ସମାଜ ଆନୁକୂଲ୍ୟରେ ଶିଶୁ ସାହିତ୍ୟ ସ୍ରଷ୍ଟା ଉତ୍କଳଚନ୍ଦ୍ର ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ପୁଣ୍ୟତିଥି ଶନିବାର ଜାରକାସ୍ଥିତ ଧର୍ମଶାଳା ପ୍ରେସକ୍ଲବଠାରେ ଅନୁଷ୍ଠାନ ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଯାଜପୁର ପୂର୍ବତନ ଏମ୍‌ପି ରୀତା ତରାଇ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି ପଣ୍ଡିତ ତ୍ରିପାଠୀ ପ୍ରଚଣ୍ଡ ଜ୍ଞାନ ଓ ମହତ ଗୁଣର ଅଧିକାରୀ ଥିଲେ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ଜାମସେଦପୁର ଟାଟା ସ୍ଥିତ କୋଲନ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସତ୍ୟପ୍ରିୟ ମହାଲିକ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ରବୀନ୍ଦ୍ର ବିହାରୀ, ସମ୍ମାନିତ ଅତିଥି ଶିଶୁ ସାହିତ୍ୟିକ ଡ. ପ୍ରିୟନାଥ ମହାପାତ୍ର ଯୋଗଦେଇ ଉପେନ୍ଦ୍ରଙ୍କ ରଚିତ ଗ୍ରନ୍ଥାବଳୀ କାଳଜୟୀ ହୋଇ ରହିବ ବୋଲି ମତପ୍ରକାଶ କରିଥିଲେ। ସମ୍ପାଦକ ମହେଶ୍ୱର ପାଢ଼ୀ ବିବରଣୀ ପାଠ କରିଥିଲେ। କାର୍ଯ୍ୟକାରୀ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି ସ୍ୱାଗତ ଭାଷଣ ଦେଇଥିବାବେଳେ ପୂର୍ବତନ ସମ୍ପାଦକ ହୃଷୀକେଶ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ପଣ୍ଡିତ ତ୍ରିପାଠୀଙ୍କ ସାହିତ୍ୟ କୃତୀ ସମ୍ପର୍କରେ ଡ. ଗୌତମ ଜେନା, ସାହିତ୍ୟିକ କୈଳାସ ଚନ୍ଦ୍ର ନାୟକ, ଡ. ରାଜକିଶୋର ପାଢ଼ୀ, ଡ. ମହେଶ୍ୱର ଜେନା ସାମନ୍ତ, ଡ. ପ୍ରଶାନ୍ତ ସ୍ୱାଇଁ, ସୁନାକର ସାହୁ, ବ୍ରଜକିଶୋର ଦାଶ, ପ୍ରଦୀପ ସାମଲ, ନାରାୟଣ ନନ୍ଦ, ସୁରେନ୍ଦ୍ର ବେହେରା, ଅଧ୍ୟାପକ ବିଜୟ ନାୟକ ଓ ଅଜୟ ବାରିକ ମତବ୍ୟକ୍ତ କରିଥିଲେ। ସଂଗଠନ ସମ୍ପାଦକ ପ୍ରତାପରୁଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଯୋଗ ଶିବିର ଉଦ୍‌ଯାପିତ

**ଯାଜପୁରରୋଡ୍,୨୩।୧୨ (ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗର ତହସିଲ ପତଞ୍ଜଳି ଯୋଗ ସମିତି ପକ୍ଷରୁ ତ୍ରିଦିବସୀୟ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ପତଞ୍ଜଳି ଯୋଗ ସମିତି ଭାରତ ସ୍ୱାଭିମାନ ଟ୍ରଷ୍ଟ ପକ୍ଷରୁ କାଳୀମେଲଣ ପଡ଼ିଆରେ ୩ ଦିନ ଧରି ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଅନ୍ତିମ ଦିବସରେ ପତଞ୍ଜଳି ଭାରତ ସ୍ୱାଭିମାନ ନ୍ୟାସର ରାଜ୍ୟ ପ୍ରଭାରୀ ସୁଧାଂଶୁ ଅଧିକାରୀ ଓ ରାଜ୍ୟ କାର୍ଯ୍ୟାଳୟ ପ୍ରଭାରୀ ସୂର୍ଯ୍ୟକାନ୍ତ ମହାନ୍ତି ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଧର ମହାନ୍ତି, ସଂଗ୍ରାମ ସିଂ, ପବିତ୍ର ରଞ୍ଜନ ମହାନ୍ତି ଏବଂ ଡା. ପ୍ରମୋଦ ଶତପଥୀ ଯୋଗଦେଇଥିଲେ। ଯାଜପୁର ଜିଲା ଯୁବ ପ୍ରଭାରୀ ଉମାକାନ୍ତ ବିଶ୍ୱାଳ ଶିବିରାର୍ଥୀଙ୍କୁ ଯୋଗଶିକ୍ଷା ପ୍ରଦାନ କରିଥିଲେ। ରାଜ୍ୟ ପ୍ରଭାରୀ ଅଧିକାରୀ ବିଭିନ୍ନ ଯୋଗାସନ ଓ ପ୍ରାଣାୟାମ ଶିକ୍ଷା ଦେବା ସହିତ କିପରି ସମସ୍ତେ ନିରୋଗ ରହିବେ ତାର ମନ୍ତ୍ର ପ୍ରଦାନ କରିଥିଲେ। ଶିବିରରେ ୩୦୦ରୁ ଅଧିକ ଶିବିରାର୍ଥୀ ଯୋଗଦାନ କରିଥିଲେ। ବିବେକାନନ୍ଦ ମହାନ୍ତିଙ୍କ ପୌରୋହିତ୍ୟରେ ଏକ ସ୍ୱାଗତ ସଭା ଆୟୋଜନ କରାଯାଇଥିଲା। ଜିଲା ପ୍ରଭାରୀ ବିବେକାନନ୍ଦ ଜେନା ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଯୋଗଗୁରୁ ବଟକୃଷ୍ଣ ପ୍ରଧାନ, ସୌମେନ୍ଦ୍ର ଜେନା, ମହେଶ୍ୱର ପ୍ରଧାନ, ସନ୍ଧ୍ୟାରାଣୀ ଜେନା, ପ୍ରବୀର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ କ୍ୟାପଟେନ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଧର୍ମଶାଳା ମହୋତ୍ସବ ୨୫ରୁ

**ଧର୍ମଶାଳା,୨୩।୧୨(ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ବ୍ଲକ ଅଧୀନ ଜାରକାସ୍ଥିତ ମହୋତ୍ସବ ପଡ଼ିଆରେ ଆସନ୍ତା ୨୫ ତାରିଖରୁ ଧର୍ମଶାଳା ମହୋତ୍ସବ ଉଦ୍‌ଘାଟିତ ହେବ। ଏହା ଜାନୁୟାରୀ ୫ରେ ଉଦ୍‌ଯାପିତ ହେବ। ଉତ୍ସବକୁ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିବେ। ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଣବ ବଳବନ୍ତରାୟ, ସମ୍ମାନିତ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ ଯୋଗ ଦେବେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ସମ୍ମାନିତ ଅତିଥି ଭାବେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ଧର୍ମଶାଳା ବିଧାୟକ ଓ ବ୍ଲକ୍ ଅଧ୍ୟକ୍ଷ ଯୋଗ ଦେବେ ବୋଲି ମହୋତ୍ସବ ପୂଜା କମିଟି ସଭାପତି ଜଳଧର ମହାନ୍ତି ଓ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି ଶନିବାର ପ୍ରେସକ୍ଲବଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ୧୧ ଦିନ ବ୍ୟାପୀ ଚାଲିବାକୁ ଥିବା ଏହି ମହୋତ୍ସବର ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଦର୍ଶକମାନଙ୍କ ସୁରକ୍ଷା ପାଇଁ କମିଟି ଓ ସ୍ଥାନୀୟ ପୋଲିସ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି ସମ୍ମିଳନୀରେ ସହସମ୍ପାଦକ ଆନନ୍ଦ ବିହାରୀ ନାୟକ, କୋଷାଧ୍ୟକ୍ଷ ସୁଦୀପ୍ତ ସ୍ୱାଇଁ, ବରିଷ୍ଠ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଶତପଥୀ ଓ କ୍ଷୀରୋଦ ଚନ୍ଦ୍ର ମୁଦୁଲି ଉପସ୍ଥିତ ରହି ଜନସାଧାରଣ ମହୋତ୍ସବରେ ସହଯୋଗ କରିବାକୁ ନିବେଦନ କରିଥିଲେ।

## ଗାଁରେ ସ୍ୱଚ୍ଛତାର ବାର୍ତ୍ତା ବାଣ୍ଟିଲେ ବିଦ୍ୟାର୍ଥୀ

**ରସୁଲପୁର,୨୩।୧୨(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅଧୀନ ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟର ବିଦ୍ୟାର୍ଥୀମାନେ ଗାଁରେ ବୁଲି ସ୍ୱଚ୍ଛତାର ବାର୍ତ୍ତା ବାଣ୍ଟିଛନ୍ତି। ଏଥିରେ ମୁଖ୍ୟ ଅତିଥି ଭାବେ ମୁଗୁପାଳ ସମିତିସଭ୍ୟ ନରୋତ୍ତମ ସାହୁ, ସମ୍ମାନିତ ଅତିଥି ଯୁବନେତା ଦୁଷ୍ମନ୍ତ ମଲିକ, ଅଧ୍ୟାପକ ବିଶ୍ୱଜିତ୍ ଦାସ, ସୁରେଶ ଦାସ, ରମେଶ ଚନ୍ଦ୍ର ଭୋଇ, ସୁଶାନ୍ତ ରାଉତ, ବିଧୁଭୂଷଣ ପଣ୍ଡା, ସନ୍ଦୀପ ମାଝି, ହେମନ୍ତ ରଣା, କୃଷ୍ଣଚନ୍ଦ୍ର ପତି, ପ୍ରଦୀପ ବଳ, ଅଧ୍ୟାପିକା ମମତା ବୋଇତାଇ, କାନ୍ତିବାଳା ପଣ୍ଡା, ଇନ୍ଦୁମତି ସାମଲ ଓ ସୁସ୍ମିତା ନନ୍ଦ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ବିଦ୍ୟାର୍ଥୀମାନଙ୍କୁ ସୂଚନା ଦେଇଥିଲେ। ୫୦୦ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ଯୋଗଦେଇ ସ୍ଥାନୀୟ ମୁଗୁପାଳ, ବରାଂଶ, ଖଇରାବାଦ ଆଦି ଗ୍ରାମ ପରିକ୍ରମା କରି ଗାଁ ପରିବେଶକୁ ପ୍ଲାଷ୍ଟିକମୁକ୍ତ ଓ ବୃକ୍ଷଯୁକ୍ତ କରିବାକୁ ଲୋକଙ୍କୁ ଆହ୍ୱାନ ଦେଇଥିଲେ। ପରେ ବିଦ୍ୟାର୍ଥୀମାନେ କଲେଜ ପରିସରର, ଗାଁ ମନ୍ଦିର ପ୍ରାଙ୍ଗଣ, କଲ୍ୟାଣମଣ୍ଡପ ହତା ଆଦିକୁ ସଫା କରିଥିଲେ।

## ଜାନୁୟାରୀ ୨୦, ୨୧ରେ ବ୍ୟାସ ଧୂନ ମ୍ୟୁଜିକାଲ ନାଇଟ୍

**ଯାଜପୁରରୋଡ୍,୨୩।୧୨(ପବିତ୍ର ରଞ୍ଜନ ମହାନ୍ତି):**

ଏନ୍‌ସି ହାଇସ୍କୁଲ ଏବେ ଦୟନୀୟ ପରିସ୍ଥିତିରେ ଗତି କରୁଛି। ତେଣୁ ପୁରାତନ ଛାତ୍ରମାନେ ସ୍କୁଲର ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏହିକ୍ରମରେ ପୁରାତନ ଛାତ୍ରମାନଙ୍କ ଦ୍ୱାରା ୨୦୨୪ ଜାନୁୟାରୀ ୨୦ ଓ ୨୧ରେ ହାଇସ୍କୁଲ ପଡ଼ିଆଠାରେ ବ୍ୟାସ ଧୂନ୍ ମ୍ୟୁଜିକାଲ ନାଇଟ୍ ଆୟୋଜନ ହେବ। ଏଥିରେ ଇଣ୍ଡିଆନ ଆଇଡଲର ଖ୍ୟାତନାମା କଳାକାରମାନେ ଯୋଗ ଦେବେ। ୨୦ ତାରିଖ ସନ୍ଧ୍ୟାରେ ମହମ୍ମଦ ଦାନିସ ଓ ଚେତନା ଭରଦ୍ୱାଜ ଯୋଗ ଦେଉଥିବା ବେଳେ ଦ୍ୱିତୀୟ ସନ୍ଧ୍ୟାରେ ସଲମାନ ଅଲ୍ଲୀ ଓ ସମ୍ମୁଖ ପ୍ରିୟା ଯୋଗ ଦେବେ। ପ୍ରତ୍ୟକ ନାଇଟ୍‌ରେ ୧୦ ହଜାର ଦର୍ଶକ ବସିବାର ବ୍ୟବସ୍ଥା କରାଯାଇଛି। ଦୁଇ ସନ୍ଧ୍ୟା ପାଇଁ ପ୍ରତ୍ୟେକ ଦର୍ଶକ ୫୦୦ଟଙ୍କା ଲେଖାଏଁ ଦେଇ ଟିକେଟ ସଂଗ୍ରହ କରିବେ। ମ୍ୟୁଜିକାଲ ନାଇଟ୍‌ର ଲାଭାଂଶ ଏନ୍‌ସି ହାଇସ୍କୁଲର ବିକାଶ ଦିଗରେ ବିନିଯୋଗ କରାଯିବ। କାର୍ଯ୍ୟକ୍ରମକୁ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ପୁରାତନ ଛାତ୍ର ଯିଏକି ଦେଶ, ରାଜ୍ୟ ଏବଂ ବିଦେଶରେ ବିଭିନ୍ନ ପଦପଦବୀରେ ଅଛନ୍ତି ସେମାନଙ୍କୁ ନିମନ୍ତ୍ରଣ କରାଯିବ। ସ୍କୁଲ୍‌ର ସମସ୍ତ ପୁରାତନ ଛାତ୍ର ଓ ବ୍ୟାସନଗରବାସୀ ଏହି କାର୍ଯ୍ୟକ୍ରମରେ ସହଯୋଗର ହାତ ବଢ଼ାଇବାକୁ ଏକ ଖବରଦାତା ସମ୍ମିଳନୀରେ କମିଟିର ଆବାହକ ବିଶ୍ୱମ୍ଭର ରାଉତ, ଅର୍ଜୁନ ରାଉତ, ଶାରଦାପ୍ରସାଦ ଦାସ, ଅଶୋକ ରାଉତ, ପାର୍ଥସାରଥି ନାୟକ, ଭରତ ଓଝା, ଅଯୋଧ୍ୟା ଜେନା ଓ ସୌମେନ୍ଦ୍ର ରାଉତ୍ ପ୍ରମୁଖ ନିବେଦନ କରିଛନ୍ତି। କାର୍ଯ୍ୟକ୍ରମର ନେତୃତ୍ୱ ସ୍କୁଲର ପୁରାତନ ଛାତ୍ର ରଣଜିତ ରାଉତ ନେଇଛନ୍ତି।

## ମା' ତାରିଣୀ କଲେଜରେ ନବୀନ ଓଡ଼ିଶା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

**ପାଣିକୋଇଲି,୨୩।୧୨(ବିକାଶ ମଲ୍ଲିକ):**

ପାଣିକୋଇଲି ମା' ତାରିଣୀ ମହାବିଦ୍ୟାଳୟରେ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଚନ୍ଦ୍ରକାନ୍ତ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ କୋରେଇ ବିଧାୟକ ଅଶୋକ ବଳ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଯୁକ୍ତ ୨ ଅଧ୍ୟକ୍ଷ ପାର୍ଥସାରଥି ବିଶ୍ୱାଳ ଯୋଗଦେଇ ଯୁବ ଓଡ଼ିଶା ସମ୍ପର୍କରେ ମତ ଦେଇଥିଲେ। ମୁଖ୍ୟବକ୍ତା ଅଧ୍ୟାପକ ଡ. ପ୍ରତାପ ଚନ୍ଦ୍ର ତ୍ରିପାଠୀ ଯୋଗଦେଇ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ମଦନ ମୋହନ ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅଧ୍ୟାପକ ସମରେନ୍ଦ୍ର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। କୈଳାସ ଚନ୍ଦ୍ର ମହାପାତ୍ର, ବଳରାମ ପଣ୍ଡା, ବିଦ୍ୟାଧର ବେହେରା, ଗୋପବନ୍ଧୁ ସାହୁ, ତୁଷାର ରଞ୍ଜନ ପୁହାଣ, ସତ୍ୟବ୍ରତ ଦାଶ, ସନ୍ତୋଷ ଦାସ, ଶୁଭକାନ୍ତ ପାତ୍ର, ପର୍ଶୁରାମ ନାୟକ, ଅଧ୍ୟାପିକା ବସନ୍ତ ମଞ୍ଜରୀ ସାହୁ, କଲ୍ୟାଣୀ ସାମଲ, ସଙ୍ଗୀତା ନନ୍ଦ, ସସ୍ମିତା ଦାସ, କର୍ମଚାରୀ ରବୀନ୍ଦ୍ର ଦାସ, ମଧୁସୂଦନ ପଣ୍ଡା, ଶାନ୍ତନୁ ପହି, ମହେଶ୍ୱର ସେଠୀ, ନକୁଳ ବେହେରା, ହିମାଦ୍ରୀ ଦାସ, ରମାକାନ୍ତ ଯେନା, ସେମାନାଥ ନାୟକ ଓ ନୟନୀ ଖଣ୍ଡାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବାଲିଚନ୍ଦ୍ରପୁର ସରକାରୀ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଚଣ୍ଡିଖୋଲ,୨୩।୧୨(ପ୍ରଦୀପ୍ତ କୁମାର ପୃଷ୍ଟି):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଠିକ ମାର୍ଗଦର୍ଶନ କଲେ ଛାତ୍ରୀଛାତ୍ର ଭଲ ମଣିଷ ହୋଇ ପାରିବେ ବୋଲି କହିଥିଲେ। ଏଥିସହିତ ଆଦର୍ଶ ଶିକ୍ଷାଦାନ କରିବାକୁ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, କଳିଙ୍ଗ ଭାରତୀ ସଂସ୍କୃତ ବିଦ୍ୟାଳୟର ପ୍ରତିଷ୍ଠାତା ମନୋଜ ପରିଡ଼ା, ପୁରାତନ ଛାତ୍ର ସଂସଦ ସଭାପତି ଭକ୍ତଚରଣ ସାହୁ, ଫନୀନ୍ଦ୍ର ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ପ୍ରତାପ ଚନ୍ଦ୍ର ପରିଡ଼ା, ପ୍ରାକ୍ତନ ସମିତିସଭ୍ୟ ଅମିୟ ବିଶ୍ୱାଳ, ମୋ ସ୍କୁଲ୍ ଅଭିଯାନ ସଭାପତି ପ୍ରକାଶ ଚନ୍ଦ୍ର ସାମଲ, ରଞ୍ଜନ ମହାରଣା ଓ ହେମନ୍ତ ବାରିକ ପ୍ରମୁଖ ଯୋଗଦେଇଥିଲେ। ନିହାର ରଞ୍ଜନ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ।




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ଅବସରପ୍ରାପ୍ତ ଶିକ୍ଷକ ମନୋରଞ୍ଜନ ସାହୁ, ଶରତ ଦାସ, ବରିଷ୍ଠ ନାଗରିକ ଗଦାଧର ଦାସଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ସହ ବିଭିନ୍ନ ଭାଷାରେ ବକ୍ତୃତା ପ୍ରଦାନ କରାଯାଇଥିଲା। ସରକାରୀ ଓ ବେସରକାରୀ ବିଦ୍ୟାଳୟ ମଧ୍ୟରେ ହେଉଥିବା ପ୍ରତିଯୋଗିତାକୁ ନେଇ ଛାତ୍ରୀଛାତ୍ର ପରିବେଷଣ କରିଥିବା ଏକାଙ୍କିକା ବେଶ ଚିତ୍ତାକର୍ଷକ ହୋଇଥିଲା। ଶିକ୍ଷୟିତ୍ରୀ ବନିତା ବିଶ୍ୱାଳ ସମ୍ପାଦକୀୟ ପାଠ କରିବା ସହ ଧନ୍ୟବାଦ ଦେଇଥିଲେ।

## ଖରସ୍ରୋତା ପୁସ୍ତକ ମେଳା ଉଦ୍‌ଘାଟିତ

**ସିଂହପୁର,୨୩।୧୨(ଅନଙ୍ଗ ଉଦୟ ବେଉରିଆ):**

ବିଞ୍ଝାରପୁର ବ୍ଲକ ଅଧୀନ ମଲ୍ଲିଆ ଯଜ୍ଞ ପଡ଼ିଆରେ ଖରସ୍ରୋତା ସଚେତନ ନାଗରିକ ମଞ୍ଚର ସଭାପତି ପଦ୍ମାକର ଗୁରୁଙ୍କ ସଭାପତିତ୍ୱରେ ଖରସ୍ରୋତା ପୁସ୍ତକ ମେଳା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ମେଳା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ବାଚସ୍ପତି ତଥା ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ଯୋଗଦେଇ ମେଳାର ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେବା ସହିତ ପୁସ୍ତକକୁ ସର୍ବପୁରାତନ ରତ୍ନ ଭାବେ ବିବେଚନା କରିଥିଲେ। ମୁଖ୍ୟବକ୍ତା ଭାବେ ବିଞ୍ଝାରପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ବକ୍ତାଭାବେ ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ବରେଣ୍ୟ ବକ୍ତା ଭାବେ ବିଞ୍ଝାରପୁର ପଞ୍ଚାୟତ ସମିତି ପ୍ରାକ୍ତନ ଅଧ୍ୟକ୍ଷ ଇଂ. ସୁଶାନ୍ତ ମିଶ୍ର, ଜିଲା ପରିଷଦ ସଭ୍ୟ ସୁନୀତା ନାୟକ, ବିଶିଷ୍ଟ ଅତିଥିଭାବେ ବିଞ୍ଝାରପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷା ସେକ୍ ଏରସଦ, ସମ୍ମାନିତ ଅତିଥି ଫତେପୁର ସରପଞ୍ଚ ମଧୁବିଳତା ସାହୁ, ସମିତିସଭ୍ୟା ନଳିନୀପ୍ରଭା ସାହୁ, ବାଛୋଳ ସରପଞ୍ଚ କଳ୍ପନା ବେହେରା, ସମିତିସଭ୍ୟା ପଦ୍ମିନୀ ବେହେରା ଓ ଟିଣା ସରପଞ୍ଚ ବିଟାରଶ୍ମି ନାୟକ ପ୍ରମୁଖ ଯୋଗ ଦେଇଥିଲେ।




ପୁସ୍ତକମେଳା ଉଦ୍‌ଘାଟନୀ ଉତ୍ସବରେ ବାଚସ୍ପତି ପ୍ରମିଳା ମଲ୍ଲିକ ଏବଂ ଅନ୍ୟମାନେ।

ଅଖିଳ ଚକ୍ରର ସମ୍ପାଦକ ହରେକୃଷ୍ଣ ପଣ୍ଡାଙ୍କୁ ଖରସ୍ରୋତା ପୁସ୍ତକ ମେଳା ସମ୍ମାନ-୨୦୨୩ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ସୁଶାନ୍ତ ନାୟକ, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ପ୍ରାଧ୍ୟାପକ ଅଜୟ ଓଝା, ଶିକ୍ଷାବିତ୍ ସୁବୋଧ ନାୟକ, ଗୁରୁଚରଣ ଥାଟୋଇ, ସର୍ବେଶ୍ୱର ଧଳ, କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ପ୍ରଧାନ, ସମ୍ପାଦକ ଜିତେନ୍ଦ୍ର ବେହେରା, ସାଂସ୍କୃତିକ ସମ୍ପାଦକ ପ୍ରଦୀପ ଜେନା, କୋଷାଧ୍ୟକ୍ଷ ରତ୍ନାକର ସାହୁ, ଉପଦେଷ୍ଟା ନାରାୟଣ ଚନ୍ଦ୍ର ଦାସ, ଉମେଶ ଚନ୍ଦ୍ର ସାମଲ, ଟିକିଲତା ବେହେରା ଓ କୃଷ୍ଣଚନ୍ଦ୍ର ଥାଟୋଇଙ୍କ ସମେତ ହଜାରହଜାର ସଂଖ୍ୟାରେ ଜନସାଧାରଣ ମେଳାରେ ସାମିଲ ହୋଇ ପୁସ୍ତକ କିଣିଥିଲେ।

## ସଂକ୍ଷେପରେ

### ମେଡିକାଲ ଗଣ୍ଡଗୋଳ ଘଟଣାରେ ଆଉ ଜଣେ ଗିରଫ

ରାଜନଗର,୨୩।୧୨(ଭାସ୍କର ରାଉତରାୟ)



ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତମାସ ୨୯ ତାରିଖରେ ଡାକ୍ତରଙ୍କୁ ଆକ୍ରମଣ ଓ ଦୁର୍ବ୍ୟବହାର ଘଟଣାରେ ପୋଲିସ ଶନିବାର ଆଉ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏହାକୁ ମିଶାଇ ଗିରଫ ସଂଖ୍ୟା ୫କୁ ବୃଦ୍ଧି ପାଇଛି। ରାଜନଗର ପୋଲିସର ସୂଚନା ମୁତାବକ ୨୯ ତାରିଖରୁ ଫେରାର ଥିବା ଆଉଜଣେ ଅଭିଯୁକ୍ତ କୋଇଲିପୁର ପଞ୍ଚାୟତ କାଙ୍କଦିଆ ଗ୍ରାମର ଦୀପକ ଜେନାଙ୍କୁ ଗିରଫ କରାଯାଇଛି । ଅବଶିଷ୍ଟ ଆସାମୀଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ଅଜୟ କୁମାର ଜେନା କହିଛନ୍ତି। ପୂର୍ବରୁ ଏହି ଘଟଣାରେ କାଙ୍କଦିଆ ଗାଁର ପ୍ରକାଶ ମଲିକ, ବଡମରିଚାପଲ୍ଲୀ ଗାଁର ଅକ୍ଷୟ କୁମାର ପ୍ରଧାନ, କୃଷ୍ଣଚନ୍ଦ୍ର ରାଉତଙ୍କୁ ଭୁବନେଶ୍ୱରରୁ ଗିରଫ କରାଯାଇଥିଲା। ଏହି ଗଣ୍ଡଗୋଳ ଘଟଣାରେ ମୁନା ପାଲଙ୍କ ସମେତ ୭ଜଣ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା। ୧୨ ତାରିଖ ଦିନ ପୋଲିସ କୋଇଲିପୁର ଗାଁର ବଶିଷ୍ଟ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ସ୍ପେଶାଲ ସ୍କ୍ୱାର୍ଡ ଓ ରାଜନଗର ପୋଲିସକୁ ନେଇ ଏକ ଟିମ୍ ଗଠନ କରାଯାଇଛି। ଏ ନେଇ ରାଜନଗର ଥାନାରେ ଏକ ମାମଲା(ନଂ.୬୫୨/୨୩) ରୁଜୁ ହୋଇଛି।

# ଡେରାବିଶ ମହୋତ୍ସବ ଉଦ୍‌ଘାଟିତ

ଡେରାବିଶ,୨୩।୧୨(ବେବର୍ତ୍ତା ଅଜୟ ଦାସ)

## ଅଞ୍ଚଳବାସୀଙ୍କୁ ଭ୍ରାତୃତ୍ୱ ବନ୍ଧନରେ ବାନ୍ଧିରଖିଛି ଡେରାବିଶ ମହୋତ୍ସବ

ଡେରାବିଶର ଐତିହ୍ୟ, ପରମ୍ପରା, ସଂସ୍କୃତି ଓ ସ୍ୱାଭିମାନକୁ ଉଜ୍ଜୀବିତ ରଖିବା ଉଦ୍ଦେଶ୍ୟରେ ଡେରାବିଶ ମିନି ଷ୍ଟାଡିୟମରେ ଶନିବାର ସନ୍ଧ୍ୟାରେ ଦ୍ୱାଦଶ ବାର୍ଷିକ ଡେରାବିଶ ମହୋତ୍ସବ-୨୦୨୩ ଉଦ୍‌ଘାଟିତ ହୋଇଯାଇଛି। ଡେରାବିଶ ସାଂସ୍କୃତିକ ସଙ୍ଗଠନ ଓ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ଆନୁକୂଲ୍ୟରେ ଆୟୋଜିତ ୯ଦିନିଆ ଏହି ମହୋତ୍ସବକୁ କେନ୍ଦ୍ରାପଡ଼ା ଜିଲାପାଳ ଅମ୍ରିତ ରୁତୁରାଜ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଛନ୍ତି । ଏହି ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ମହୋତ୍ସବର ଉଦଘାଟନୀ ଉତ୍ସବରେ ସାଂସ୍କୃତିକ ସଙ୍ଗଠନର ସଭାପତି ଡ. ଭକ୍ତକବି ଦାସ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ରୁତୁରାଜ ଯେଉଁ ଅଞ୍ଚଳବାସୀଙ୍କ ସଂସ୍କୃତି ଓ ପରମ୍ପରା ଯେତେ ମହାନ ସେ ଅଞ୍ଚଳବାସୀ ସାଂସ୍କୃତିକ, ସାମାଜିକ ଓ ଅର୍ଥନୈତିକ ବିକାଶ କ୍ଷେତ୍ରରେ ସେତେ ଆଗକୁ ବଢିପାରିଛି। ତେଣୁ ଡେରାବିଶର ସେହି ମହାନ ସଂସ୍କୃତି ଓ ପରମ୍ପରାକୁ ଆହୁରି ମହାନ ଓ ପରିବ୍ୟାପ୍ତ କରିବା ପାଇଁ ଜାତି, ଧର୍ମ. ବର୍ଣ୍ଣ, ଦଳମତ ନିର୍ବିଶେଷରେ ଅଞ୍ଚଳବାସୀଙ୍କୁ ସ୍ନେହ, ପ୍ରେମ ଓ ଭାତୃତ୍ୱର ସୁତାଖିଅରେ ବାନ୍ଧିରଖିବାର ପରିକଳ୍ପନା କହିବା ସହିତ ଏହି ମହୋତ୍ସବ ମାଧ୍ୟମରେ ବ୍ୟକ୍ତିଗତ, ସାମାଜିକ ଓ ସାଂସ୍କୃତିକ ସମ୍ପର୍କର ସେତୁ ବନ୍ଧକୁ ଆହୁରି ସୁଦୃଢ କରି ଅଞ୍ଚଳକୁ ସାମୁହିକ ବିକାଶ କ୍ଷେତ୍ରରେ ଶିଖରକୁ ଆଗେଇନେବା ସମସ୍ତଙ୍କ ଲକ୍ଷ୍ୟ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ।




ଡେରାବିଶ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି ।

ଏହି ଉତ୍ସବରେ ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ ପିତାମ୍ବର ସାମଲ ଯୋଗଦେଇ ଏହି ମହାନ ମାଟିରେ ବହୁ ପ୍ରାଚିନ କାଳରୁ ରହି ଆସିଥିବା କଳା, ସଂସ୍କୃତି, ସମ୍ପର୍କ ଓ ଭାଇଚାରାକୁ ଏହି ମହୋତ୍ସବ ଅଧିକ ସୁଦୃଢ କରିପାରିବ ବୋଲି କହିଥିଲେ। ଅତୁଲ୍ୟ ରଥଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ସଙ୍ଗଠନର ସମ୍ପାଦକ ଅଧ୍ୟାପକ ଗୁରୁଚରଣ ସେଠୀ ସ୍ୱାଗତ ଭାଷଣ, ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ଓ ଶାନ୍ତି ସ୍ୱରୂପ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ପୁରୀ ଜିଲାର ଅଭିନୟନା ଡ୍ୟାନ୍ସ ଏକାଡେମୀ ଏବଂ କେନ୍ଦ୍ରାପଡ଼ା ଜିଲାର ପାୟଲ ମ୍ୟୁଜିକ ସ୍କୁଲ ଓ ରୟାଲ ଡ୍ୟାନ୍ସ ଆଣ୍ଡ ମ୍ୟୁଜିକ ଏକାଡେମୀ କଳାକାରଙ୍କ ଦ୍ୱାରା ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆଜିର ସନ୍ଧ୍ୟାକୁ ବିଭୋର କରିଥିଲା । ତେବେ ଡେରାବିଶର ପରମାରାଧ ଶ୍ରୀଦଧିବାବନଜୀଉଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ସନ୍ଧ୍ୟାରେ ଶ୍ରୀଜୀଉଙ୍କ ଆଜ୍ଞାମାଳ ଓ ମହୋତ୍ସବ ଜ୍ୟୋତିକୁ ବାଦ୍ୟ ଓ ସଂକୀର୍ତ୍ତନ ଶୋଭାଯାତ୍ରା ମଧ୍ୟରେ ଉତ୍ସବ ସ୍ଥଳକୁ ଅଣାଯିବା ସହ ସ୍ଥାପନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ସାଂସ୍କୃତିକ ସଙ୍ଗଠନର ବରିଷ୍ଠ ସଦସ୍ୟ ହଳଧର ଦାଶ, ସଚ୍ଚିଦାନନ୍ଦ ରଥ, ଉପ-ସଭାପତି ମହେନ୍ଦ୍ରକୁମାର ସିଂ, ତ୍ରିଲୋଚନ ରାଉତ ଓ ବିପିନ ବିହାରୀ ରାଉତ, ପ୍ରାଧ୍ୟାପକ ଅଜୟ କୁମାର ରାଉତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ପ୍ରମୁଖ ଶତାଧିକ ବ୍ୟକ୍ତି ସାମିଲ ହୋଇଥିଲେ ।

## ବିଏନ୍ଏନ୍ଆର୍ ପବ୍ଲିକ ସ୍କୁଲରେ ବିଜ୍ଞାନମେଳା



ବିଜ୍ଞାନମେଳାରେ ଜଣେ ଛାତ୍ରୀ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି ।

ଆଳି,୨୩।୧୨(ବନମାଳୀ ସେନାପତି )

ଆଳି ବ୍ଲକ ନିଆଳ ଠାରେ ଥିବା ବିଏନ୍ଏନ୍ଆର ପବ୍ଲିକ ସ୍କୁଲରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ବିଜ୍ଞାନ ମେଳାକୁ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ଅଧ୍ୟକ୍ଷ ଡ.ମନୋଜ କୁମାର ଦ୍ୱିବେଦୀ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ନିର୍ଦ୍ଦେଶକ ବିରେନ ପ୍ରଧାନ ଉପସ୍ଥିତ ଥିଲେ । ଏହି ବିଜ୍ଞାନ ମେଳାରେ ବିଦ୍ୟାଳୟର ମୋଟ ୩୦ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି ପ୍ରକଳ୍ପଗୁଡିକ ମଧ୍ୟରୁ ଜୁନିୟର ବିଭାଗର ଜଳଚକ୍ର ପ୍ରକଳ୍ପ ପ୍ରଥମ ହୋଇଥିବା ବେଳେ ପ୍ରଜାପତିର ଜୀବନ ଦ୍ୱିତୀୟ ଓ ବାୟୁ ପ୍ରଦୂଷଣ ଓ ଇନ୍ଦ୍ରିୟ ଅଙ୍ଗ ପ୍ରକଳ୍ପ ତୃତୀୟ ହୋଇଥିଲା। ସେହିପରି ସବ୍‌ଜୁନିୟର ବିଭାଗର ଭୂକମ୍ପ ସୂଚକ ପ୍ରକଳ୍ପ ପ୍ରଥମ ହୋଇଥିବା ବେଳେ ଆଧୁନିକ ଚାଷ ଦ୍ୱିତୀୟ ଓ ଗୃହ ସୁରକ୍ଷା ତୃତୀୟ ହୋଇଛି। ସେହିପରି ସବ୍ ସିନିୟର ବିଭାଗର ପ୍ରକଳ୍ପ ମଧ୍ୟରୁ ଅଗ୍ନି ଆଲାରାମ ସେନ୍ସର ପ୍ରକଳ୍ପ ପ୍ରଥମ ହୋଇଥିବା ବେଳେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି ଅପଚୟ ହେଉଥିବା ଜଳକୁ କିପରି ସଂଗୃହୀତ କରି ପୁନର୍ବାର ବ୍ୟବହାର କରିବା ଓ ତୃତୀୟ ସ୍ଥାନ ଅଧିକାର କରିଛି ବର୍ଷା ସୂଚକ ପ୍ରକଳ୍ପ । ସିନିୟର ବିଭାଗ ପକ୍ଷରୁ ହୋଇଥିବା ପ୍ରକଳ୍ପ ମଧ୍ୟରୁ ରୋବଟର ବ୍ୟବହାର ପ୍ରଥମ ହୋଇଥିବା ବେଳେ ସୌର ଶକ୍ତି ଜଳସେଚନ ପ୍ରକଳ୍ପକୁ ଦ୍ୱିତୀୟ ଭାବେ ବିଚାରକମାନେ ମନୋନୀତ କରିଥିଲେ । ଏହି ଅବସରରେ ଉପାଧ୍ୟକ୍ଷ ଅଭିଜିତ ଘଡ଼ାଇ, ବିଜ୍ଞାନ ପ୍ରକଳ୍ପର ମୁଖ୍ୟ ଲୋପାମୁଦ୍ରା ପଲାଇ,ବର୍ଷାରାଣୀ ଜେନା, ରାଜଲକ୍ଷ୍ମୀ ବେହେରା, ଅମ୍ବିକା ଲେଙ୍କାଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।

### ଅନ୍ତେଇ କଲେଜରେ ଯୁବ ଓଡ଼ିଶା କାର୍ଯ୍ୟକ୍ରମ

ମାର୍ଶାଘାଇ,୨୩।୧୨(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ )

ମାର୍ଶାଘାଇ ବ୍ଲକ୍ ଅନ୍ତର୍ଗତ ଅନ୍ତେଇ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟରେ 'ନୂଆ-ଓ' ଯୁବ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଅଜୟ କୁମାର ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗଙ୍ଗାଧର ପରିଡ଼ା ଓ ମୁଖ୍ୟବକ୍ତା ଭାବେ ବ୍ରାହ୍ମଣ ଝରିଲୋ ମହାବିଦ୍ୟାଳୟ କଟକର ପ୍ରଫେସର ବିଶ୍ୱଜିତ ତ୍ରିପାଠୀ ଯୋଗ ଦେଇ ଛାତ୍ରୀଛାତ୍ରମାନଙ୍କ ବୌଦ୍ଧିକ ବିକାଶ ମାନସିକ ଶାରୀରିକ ବିକାଶ ଉପରେ ଏହି କାର୍ଯ୍ୟକ୍ରମ ସହାୟକ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥି ଭାବେ ସରପଞ୍ଚ ସଞ୍ଜୟ କୁମାର ସେଠୀ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ କ୍ରୀଡା ନୋଡାଲ ଅଧିକାରୀ ଦିଲୀପ କୁମାର ମଲିକ, ପ୍ରାଧ୍ୟାପକ ଚିନ୍ମୟ କୁମାର ରାଉତରାୟ. ପ୍ରସନ୍ନ କୁମାର ପଣ୍ଡା, ଧୀରେନ୍ଦ୍ର ନାଥ ମିଶ୍ର, ଦେବଦତ୍ତ ବେହେରା, ପ୍ରାଧ୍ୟାପିକା ମନ୍ଦାକିନୀ ଦାସ, ମୁଖ୍ୟ କିରାଣୀ ନିରଞ୍ଜନ ପରିଡା, ଅଫିସ ସହକାରୀ ମନୋରଞ୍ଜନ ମହାପାତ୍ର. ପ୍ରମୁଖ ଉପସ୍ଥିତ ଥିଲେ ।

## ଐକାନ୍ତିକ ନିଷ୍ଠା ଛାତ୍ରୀଛାତ୍ରଙ୍କୁ ଉଚ୍ଚତର ସୋପାନରେ ପହଞ୍ଚାଇଥାଏ




ଡେରାବିଶ ମହାବିଦ୍ୟାଳୟରେ 'ନୂଆ-ଓ' କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଡେରାବିଶ,୨୩।୧୨(ବେବର୍ତ୍ତା ଅଜୟ ଦାସ)

### ଡେରାବିଶ ମହାବିଦ୍ୟାଳୟରେ 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ

ଐକାନ୍ତିକ ନିଷ୍ଠା ଛାତ୍ରୀଛାତ୍ରଙ୍କୁ ଉଚ୍ଚତର ସୋପାନରେ ପହଞ୍ଚାଇଥାଏ । କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଡେରାବିଶ ମହାବିଦ୍ୟାଳୟରେ ଶନିବାର 'ନୂଆ-ଓ' ଯୁବ ଓଡ଼ିଶା, ନବୀନ ଓଡ଼ିଶା ପକ୍ଷରୁ ଆୟୋଜିତ କ୍ରୀଡ଼ା, ସାଂସ୍କୃତିକ ଓ ସାମାଜିକ ସଚେତନତା ସମ୍ପର୍କୀୟ ବିଭିନ୍ନ କାର୍ଯ୍ୟକ୍ରମର ଉଦ୍‌ଯାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥିଭାବେ ପାଟକୁରା ବିଧାୟିକାଙ୍କ ପ୍ରତିନିଧି ତଥା ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ ଯୋଗଦେଇ ଉପରୋକ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଉତ୍ସବରେ ମୁଖ୍ୟବକ୍ତାଭାବେ କେନ୍ଦ୍ରାପଡ଼ା ଜିଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ, ସମ୍ମାନିତ ଅତିଥି ଡେରାବିଶ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ଡେରାବିଶ ମଣ୍ଡଳ ଉନ୍ନୟନ ଅଧିକାରୀ ଦାଶରଥି ଜେନା, ଡେରାବିଶ କଲେଜ ପରିଚାଳନା ସମିତିର ସଭାପତି ଶିକ୍ଷାବିତ୍ ଶରତ କୁମାର କର, ଜିଲା ପରିଷଦ ସଦସ୍ୟ ଧନେଶ୍ୱର ସେଠୀ, ନୂଆ-ଓ ଜିଲା ସଂଯୋଜକ ପ୍ରମୋଦ କୁମାର ବେହେରା ଯୋଗଦେଇ ମା' ମାଟି, ଦେଶ ଓ ଜାତିର ସେବା ପାଇଁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ କରିଥିଲେ। ଏଥିସହିତ ଛାତ୍ର ଓ ଯୁବକମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଉନ୍ମେଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହି କାର୍ଯ୍ୟକ୍ରମ ଏକ ଐତିହାସିକ ପଦକ୍ଷେପ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଅଧ୍ୟାପକ ବୃନ୍ଦାବନ ଦାସ ସଭା ସଂଯୋଜନା କରିଥିବା ବେଳେ ଅଧ୍ୟାପକ ଧନେଶ୍ୱର ନାୟକ ଅତିଥି ପରିଚୟ ପ୍ରଦାନ ଓ ପ୍ରାଧ୍ୟାପକ ଅଶ୍ୱିନୀ କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରଭାକର ବେହେରା, ହୃଷିକେଶ ଦାସ ଓ ବାନାମ୍ବର ମଳିକ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ଛାତ୍ରୀଛାତ୍ର ଓ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସୂଚନାଯୋଗ୍ୟ, ମହାବିଦ୍ୟାଳୟରେ ଚଳିତ ମାସ ୧୭ ତାରିଖରେ ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା ।

### ନାରୀ ସଶକ୍ତୀକରଣ, ବିପର୍ଯ୍ୟୟ ପରିଚାଳନା ଶିବିର

କୁଜଙ୍ଗ, ୨୩।୧୨ (ମନୋଜ ପ୍ରଧାନ)

ନୂଆ-ଓ, ଯୁବ ଓଡ଼ିଶା ନବୀନ ଓଡିଶା ଆନୁକୂଲ୍ୟରେ କୁଜଙ୍ଗ ମହାବିଦ୍ୟାଳୟ ସେବା ସଙ୍ଗଠନ ପକ୍ଷରୁ ଶନିବାର ନାରୀ ସଶକ୍ତୀକରଣ ଓ ବିପର୍ଯ୍ୟୟ ପରିଚାଳନା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହିଳାମାନେ କିପରି ନିଜକୁ ସଶକ୍ତ କରିବେ ସେ ବିଷୟରେ ଆଲୋକପାତ କରାଯାଇଥିଲା । ଅନ୍ୟପକ୍ଷେ ବିପର୍ଯ୍ୟୟ ସମୟରେ ଅର୍ଥାତ୍ ବନ୍ୟା, ବାତ୍ୟା ଓ ଅଗ୍ନିକାଣ୍ଡ ସମୟରେ କିପରି ନିଜକୁ ସୁରକ୍ଷା ଦେଇ ଅନ୍ୟକୁ ଉଦ୍ଧାର କରିପାରିବେ ସେ ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆଯାଇଥିଲା। ବହୁତଳ ପ୍ରାସାଦରେ ଅଗ୍ନିକାଣ୍ଡ ଘଟିଲେ କିପରି ଉଦ୍ଧାର କରାଯିବା ସହ ଅଗ୍ନି ନିର୍ବାପକ ହୋଇପାରିବ ଉକ୍ତ କୌଶଳ ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆଯାଇଥିଲା । ମହାବିଦ୍ୟାଳୟ ଅଧ୍ୟକ୍ଷ ପଦ୍ମଲୋଚନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅତିଥିଭାବେ ଡାକ୍ତର ଏମଏମ ଅଲ୍ଲୀ ଯୋଗଦେଇ ଛାତ୍ରୀମାନଙ୍କୁ ଉତ୍ତମ ନାଗରିକ ରୂପେ ନିଜକୁ ଗଢ଼ିବା ସହ ଅନ୍ୟକୁ କିପରି ସାହାଯ୍ୟ କରିପାରିବେ ସେ ସମ୍ପର୍କରେ କହିଥିଲେ । ସାମାଜିକ ସେବା ସଙ୍ଗଠନର ନୋଡାଲ ଅଫିସର ଅଧ୍ୟାପକ ଶିଶିର ଚନ୍ଦ୍ର ସ୍ୱାଇଁ ଏହାକୁ ସଂଯୋଜନା କରିଥିବାବେଳେ ସଭ୍ୟାସଭ୍ୟ ଯଥାକ୍ରମେ ଅଧ୍ୟାପିକା ସସ୍ମିତା ସାହୁ, ସ୍ମୃତିଶ୍ରୀ ମହାନ୍ତି, ସୌଦାମିନୀ ସ୍ୱାଇଁ, ରଶ୍ମିତା ବେହେରା, ଦୀପ୍ତିମୟୀ ରାଉତରାୟ, ଅଧ୍ୟାପକ ସୋଲେମନ ସାହୁ, ବିବେକାନନ୍ଦ ରାଉତ, ସତ୍ୟପ୍ରିୟ ନନ୍ଦ ଶର୍ମା, ବିନୋଦ କୁମାର ଦାସ, ଅଧ୍ୟାପିକା ଜୟନ୍ତୀ କୁମାରୀ ସ୍ୱାଇଁ ସହଯୋଗ କରିଥିଲେ। ଅଧ୍ୟାପକ ଶୁଭ୍ରାଂଶୁ ଶେଖର ସାହୁ ଧନ୍ୟବାଦ ଦେଇଥିଲେ ।

## ଇନ୍ଦୁପୁର-ପଟ୍ଟାମୁଣ୍ଡାଇ ରାସ୍ତା ନବୀକରଣ ପାଇଁ ଶିଳାନ୍ୟାସ



କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା ଶିଳାନ୍ୟାସ କରୁଛନ୍ତି।

ପଟ୍ଟାମୁଣ୍ଡାଇ,୨୩।୧୨(କଳ୍ପତରୁ ନାୟକ)

### ୩୫ କୋଟି ଟଙ୍କା ବ୍ୟୟବରାଦ

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଭାୟା ଚଉଦକୁଲାଟ ଇନ୍ଦୁପୁରକୁ ଯାଇଥିବା ଇନ୍ଦୁପୁର-ପଟ୍ଟାମୁଣ୍ଡାଇ ରାସ୍ତା ଗ୍ରାମ୍ୟଉନ୍ନୟନ ବିଭାଗ ଅଧୀନରେ ଥିବା ବେଳେ ରାସ୍ତାର ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ଉନ୍ନତିକରଣରେ ସମସ୍ୟା ଦେଖାଦେବାରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଥିଲା । ପୂର୍ତ୍ତ ବିଭାଗ ପକ୍ଷରୁ ୩୫କୋଟି ଟଙ୍କା ବ୍ୟୟ ଅଟକଳରେ ଟେଣ୍ଡର କରାଯାଇ ଠିକାଦାର ନବୀକରଣ କାର୍ଯ୍ୟ ହାତକୁ ନେଇଛନ୍ତି । ଶନିବାର କେନ୍ଦ୍ରାପଡ଼ା ବିଧାୟକ ଶଶୀଭୂଷଣ ବେହେରା ଶିଳାନ୍ୟାସ କରିଛନ୍ତି । ଜିଲା ପରିଷଦ ସଦସ୍ୟା ମଧୁଛନ୍ଦା ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ବିଧାୟକ ବେହେରା ଯୋଗ ଦେଇ ଏହି ରାସ୍ତାହେଲେ କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ ଅଞ୍ଚଳ ସମେତ ବିଭିନ୍ନ ଅଞ୍ଚଳର ଲୋକମାନେ ଉପକୃତ ହୋଇପାରିବେ। ଏଥିନେଇ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଏହି ଉତ୍ସବରେ ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ରତିକାନ୍ତ ବେହେରା, ପ୍ରାକ୍ତନ ଜିଲା ପରିଷଦ ଅଧ୍ୟକ୍ଷ ମାନସ କୁମାର ପରିଡା, କେନ୍ଦ୍ରାପଡ଼ା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଦୁର୍ଗାଶିଷ ମହାନ୍ତି, ଜିଲା ପରିଷଦ ସଦସ୍ୟା ପ୍ରିୟ ଦର୍ଶନୀ ତରାଇ ଓ ସୁଶାନ୍ତ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ପଟ୍ଟାମୁଣ୍ଡାଇ ଗ୍ରାମ୍ୟଉନ୍ନୟନ ବିଭାଗ ଅଧୀନରେ ଥିବା ପଟ୍ଟାମୁଣ୍ଡାଇ-ଇନ୍ଦୁପୁର ରାସ୍ତା ବହୁଦିନ ଧରି ଖାଲଖମା ହୋଇପଡିରହିଥିଲା। ଜନସାଧାରଣଙ୍କୁ ଯାତାୟତରେ ଘୋର ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା । ବାରମ୍ବାର ଦାବି, ଆନ୍ଦୋଳନ ହେବା ପରେ ପ୍ରଶାସନ ଏହି ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିଥିଲା ।

## 'ନୂଆ-ଓ' କାର୍ଯ୍ୟକ୍ରମରେ ବିପର୍ଯ୍ୟୟ ମୁକାବିଲା ପ୍ରଶିକ୍ଷଣ

ରାଜନଗର,୨୩।୧୨(ଭାସ୍କର ରାଉତରାୟ)

ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଅତୁଲ ବଳଙ୍କ ଅଧ୍ୟକ୍ଷତା କରିବା ସହିତ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ଯୁକ୍ତ ୩ ସୋସିଆଲ ୱାର୍କ ଆଣ୍ଡ ଆକ୍ଟିଭିଟିଜର ସଂଯୋଜକ ଅଧ୍ୟାପକ ପର୍ଶୁରାମ ନାଥ, ଯୁକ୍ତ ୩ ନୋଡାଲ ଅଫିସର ଅଧ୍ୟାପକ ପ୍ରଣୟ କୁମାର ବେହେରା, ଯୁକ୍ତ ୨ ନୋଡାଲ ଅଫିସର ରାଜଶ୍ରୀ ସାମନ୍ତ, ଅଧ୍ୟାପକ ପ୍ରତାପ ସ୍ୱାଇଁ, ଅଧ୍ୟାପକ ରଂଜନ ଦଳାଇ, ଅଧ୍ୟାପକ ପ୍ରଣତୀ ନାୟକ, ମୁନମୁନ ଦାସ ପ୍ରମୁଖ ଯୋଗଦେଇଥିଲେ। ପ୍ରଶିକ୍ଷକ ଭାବେ ମାଷ୍ଟର ଟ୍ରେନର ଗୌରହରି ନନ୍ଦ ଓ ଜୟପ୍ରକାଶ ସାମନ୍ତରାୟ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟକୁ କିପରି ମୁକାବିଲା କରାଯାଇପାରିବ, ଏ ନେଇ ପ୍ରଶିକ୍ଷଣ ଦେଇଥିଲେ।

### ବେଆଇନ ବାଲି ଉଠାଣକୁ ନେଇ ୨ ଗୋଷ୍ଠୀ ମୁହାଁମୁହିଁ

#### ଉତ୍ତେଜନା ଜାରି, ପୋଲିସ ମୁତୟନ

ପାଣିକୋଇଲି,୨୩।୧୨(ବିକାଶ ମଲ୍ଲିକ)

ବ୍ୟାସନଗର ତହସିଲ ଅନ୍ତର୍ଗତ ମୂଳାପାଳ ପଞ୍ଚାୟତର ଧନତ୍ରୀ ବାଲିଘାଟରୁ ବେଆଇନ ବାଲି ଉଠାଣକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହେବା ସହ ପରିସ୍ଥିତ ଉତ୍ତେଜନା ପୂର୍ଣ୍ଣ ରହିଛି। ଫଳରେ ଘଟଣାସ୍ଥଳରେ ପାଣିକୋଇଲି ପୋଲିସ ଜଗିରହିଛି। ସୂଚନା ମୁତାବକ, ରଣପାଳ ଘାଟରୁ ବାଲି ଉଠାଣ ହେଉଥିବାବେଳେ ଧନତ୍ରୀ ଘାଟରୁ ବେଆଇନ ବାଲି ଚାଲାଣ କରାଯାଉଥିବା ଜିଲା ପ୍ରଶାସନ ପାଖରେ ମୂଳାପାଳ ଲିଙ୍ଗେଶ୍ୱର ଉନ୍ନୟନ କମିଟି ପକ୍ଷରୁ ଅଭିଯୋଗ କରାଯାଇଥିଲା। ମାତ୍ର ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଶନିବାର ଅପରାହ୍ନରେ ଲିଙ୍ଗେଶ୍ୱର ଉନ୍ନୟନ କମିଟି ଧନତ୍ରୀ ବାଲିଘାଟରୁ ବାଲି ଉଠାଣକୁ ବିରୋଧ କରିଥିଲା। ଫଳରେ ଧନିତ୍ରୀ ବାଲିଘାଟର ବେଆଇନ ବାଲି ବ୍ୟବସାୟୀ ଓ କମିଟି ସଭ୍ୟଙ୍କ ମୁହାଁମୁହିଁ ହୋଇଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିବାକୁ ଚେଷ୍ଟା କରୁଥିବାବେଳେ ବେଆଇନ ବାଲିଘାଟ ବନ୍ଦ କରିବାକୁ ମୂଳାପାଳ ଗ୍ରାମବାସୀ ଓ କମିଟି ସଦସ୍ୟ ଜିଦ ଧରିଥିଲେ। ତେବେ ବାଲି ଚାଲାଣ ବନ୍ଦ ହେବା ପରିବର୍ତ୍ତେ ଗାଡ଼ିଚଳାଚଳ ହେବାରୁ ଗ୍ରାମବାସୀ ରାସ୍ତା ମଝିରେ ଶୋଇ ବାଲି ଗାଡ଼ିଗୁଡ଼ିକୁ ଅଟକାଇଥିଲେ। ଖବର ଲେଖାହେବା ବେଳକୁ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିଲା।

### କପିଳେଶ୍ୱର ଜୁନିୟର କଲେଜରେ 'ନୂଆ-ଓ'




ନୂଆ-ଓ' କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ରାଜକନିକା,୨୩।୧୨(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ କାଟଣାସ୍ଥିତ କପିଳେଶ୍ୱର ଜୁନିୟର କଲେଜରେ 'ନୂଆ-ଓ' ଯୁବ ଓଡ଼ିଶା ନବୀନ ଓଡ଼ିଶା ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ନଗେନ ନାରାୟଣ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷ ମିନତୀ ରାଉତ, ମୁଖ୍ୟବକ୍ତା ଭାବେ ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସ, ସମ୍ମାନିତ ଅତିଥି ଜିଲା ପରିଷଦ ସଭ୍ୟା ଅମିତା ସାହୁ, କାଟଣା-ବଣିଆଁ ସରପଞ୍ଚ ଶୁଭସ୍ମିତା ନାୟକ, ବିଡିସି ଝିଲିପ୍ରଦା ଜେନା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ କହିଥିଲେ । ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ନିଜର ଦକ୍ଷତା ବିକାଶ କରିବାକୁ ପରାମର୍ଶ ଦେଇଥିଲେ । ଏହା ସହିତ ଯୁବ ବିକାଶ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଇତିହାସ ବିଭାଗ ମୁଖ୍ୟ ଅଧ୍ୟାପକ ପରମେଶ୍ୱର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂସ୍କୃତ ବିଭାଗ ମୁଖ୍ୟ ଅଧ୍ୟାପକ ଡକ୍ଟର ନିରଞ୍ଜନ ପତି ବେଦପାଠ କରିଥିଲେ । ଓଡ଼ିଆ ମୁଖ୍ୟ ଅଧ୍ୟାପିକା ଶୋଭାରାଣୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ଶତାଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ ।

## ଜିଲା କଂଗ୍ରେସ ସଭାପତିଙ୍କ କୁଶପୁତ୍ତଳିକା ଦାହ

ରାଜନଗର, ୨୩।୧୨(ଭାସ୍କର ରାଉତରାୟ)

ଶନିବାର ଅପରାହ୍ନରେ ରାଜନଗର ବ୍ଲକ ଯୁବ ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଜିଲା କଂଗ୍ରେସ ସଭାପତି ଅଂଶୁମାନ ମହାନ୍ତି ଓ ପୂର୍ବତନ ସରପଞ୍ଚ ତଥା କଂଗ୍ରେସନେତା ମୋହନ କୁମାର ଦାସଙ୍କ କୁଶ ପୁତଳିକା ଦାହ କରାଯାଇଛି। ବ୍ଲକ ଛକ ଠାରୁ ବିଜେଡି କର୍ମୀମାନେ ଶୋଭାଯାତ୍ରାରେ ରାଜନଗର ବଜାର ପରିକ୍ରମା କରି ହଂସୁଆ ସେତୁ ନିକଟରେ କୁଶ ପୁତ୍ତଳିକା ଦାହ କରିଛନ୍ତି। ଯୁବ ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତିଙ୍କୁ ନେତୃତ୍ୱରେ ଜିଲ୍ଲା ଓବିସି ସେଲ ସଭାପତି ବିଜୟ କୁମାର ନାୟକ, ବ୍ଲକ ବିଜେଡି ଉପସଭାପତି ଗୋବର୍ଦ୍ଧନ ପ୍ରଧାନ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଅରୁଣ କୁମାର ସାହୁ, ସାଧାରଣ ସମ୍ପାଦକ ନରହରି ଜେନା, ସରପଞ୍ଚ ଶୈଳେନ୍ଦ୍ର କୁମାର ମିଶ୍ର, ଅଶୋକ କୁମାର ମହାନ୍ତି, ଚିତ୍ତରଞ୍ଜନ ପଣ୍ଡା, ସେବା ସମବାୟ ସମିତି ସଭାପତି ଶ୍ରୀକାନ୍ତ କୁମାର ପ୍ରଧାନ, ନରେଶ ବେହେରା, ସମିତିସଭ୍ୟ ସଞ୍ଜୟ କୁମାର ସ୍ୱାଇଁ, ରବିନ ମଲିକ, ବିଜେଡି ନେତା ଚିତ ରଂଜନ ଦାସ, ରମଣୀ ରଞ୍ଜନ ମହାପାତ୍ର, ବାବାଜୀ ମିଶ୍ର, ଗଙ୍ଗାଧର ସେଠୀ, ଗୁରୁ ଚରଣ ବଳ, ନାରାୟଣ ଚନ୍ଦ୍ର ଦାସ, ତ୍ରିଲୋଚନ ସାହୁ, ସରୋଜ କୁମାର ରାଉତ, ରାକେଶ କୁମାର ନାୟକ, ସନ୍ୟାସୀ ରାଉତ, ରାମଚନ୍ଦ୍ର ନାୟକ, ରଶ୍ମୀ ରଂଜନ ସାହାଣୀ, ହିଂମାଂଶୁ ପାଣି, ପ୍ରଭାତ ପ୍ରଧାନ, ବୈକୁଣ୍ଠ ସ୍ୱାଇଁ, ଜୟୀରାମ ସ୍ୱାଇଁ, ଧର୍ମେନ୍ଦ୍ର ପରିଡା ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇ କଂଗ୍ରେସ ନେତାଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ।



ବିଜେଡି କର୍ମୀମାନେ କୁଶ ପୁତ୍ତଳିକା ଦାହ କରୁଛନ୍ତି।

ଲୋକଙ୍କ ସମସ୍ୟାର ସମାଧାନ ଓ ଅଞ୍ଚଳର ବିକାଶ ପାଇଁ ଦିନରାତି ଖଟୁଥିବା ବିଧାୟକଙ୍କ ନାଁରେ ହୀନ ରାଜନୀତିକୁ ବିଜୁ ଜନତା ଦଳ ଦୃଢ ନିନ୍ଦା କରୁଛି। କଂଗ୍ରେସ ହୀନ ରାଜନୀତିରୁ ନିବୃତ୍ତ ରହୁ, ନଚେତ୍ ରାଜନଗରବାସୀ ପ୍ରତ୍ୟାଖ୍ୟାତ ଦଳ ଓ ନେତାଙ୍କୁ କ୍ଷମା ଦେବେନି ବୋଲି ଜିଲା ଓବିସି ସେଲ ସଭାପତି ବିଜୟ କୁମାର ନାୟକ ପ୍ରେସ ବିବୃତିରେ ଜଣାଇଛନ୍ତି। ଏଥିସହ ରାଜନଗର ଅଞ୍ଚଳରେ କଂଗ୍ରେସ ଦଳର କର୍ମୀ ତାଙ୍କ ନେତାଙ୍କ ଇଙ୍ଗିତରେ ଚୋରା ମଦବେପାର ଚଳାଇଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ଚାନ୍ଦିବାଉଁଶମୂଳର ପ୍ରାକ୍ତନ ସରପଞ୍ଚ ମୋହନ କୁମାର ଦାସଙ୍କ ଭଉଣୀ ମୋହନୀଲତା ଦାସ ୫୩୭/୨୩ କେଶ ନଂରେ ଚୋରା ମଦ ବେପାର କରୁଥିବା ବେଳେ ଗିରଫ ହୋଇଛନ୍ତି। ତାଙ୍କ ପରିବାରର ଅନ୍ୟମାନେ ମଧ୍ୟ ମଦବେପାରରେ ସମ୍ପୃକ୍ତ ଅଛନ୍ତି। ଏହାବାଦ୍ ତାଳରୁଆ ଅଞ୍ଚଳର ଜଣେ ମଦ ବ୍ୟବସାୟୀ ନିଜକୁ ଜିଲା କଂଗ୍ରେସ ସଭାପତିଙ୍କ ସମ୍ପର୍କୀୟ ଭାବେ ପରିଚୟ ଦେଇ ଲୋକଙ୍କୁ ଧମକାଉଥିଲେ ବୋଲି ବିଜେଡି ପ୍ରେସ ବିବୃତିରେ କହିଛି। ସୂଚନାଯୋଗ୍ୟ, ରାଜନଗର ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତଙ୍କ ପୁଅ ବିଶ୍ୱସାରଥି ରାଉତ ଏନକେଏନକେ କଲେଜରେ ରାତ୍ର ଜଗୁଆଳି ଭାବେ କାମ କରନ୍ତି। ସେ ପକେଟରେ ଗୋଟିଏ ବୋତଲ ମଦ ପୁରାଉଥିବାର ଭିଡିଓ ଭାଇରାଲ ହେବା ପରେ ଶୁକ୍ରବାର କଂଗ୍ରେସ ପକ୍ଷରୁ ବ୍ଲକ ବିଜେଡି ସଭାପତି ଓ ବିଧାୟକଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା।

# ଅଙ୍ଗନୱାଡ଼ି କେନ୍ଦ୍ର ସମସ୍ୟାର ସମାଧାନ ନାହିଁ

ନୂଆଗାଁ,୨୩।୧୨(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କୃଷ୍ଣପ୍ରସାଦ-୨ ଅଙ୍ଗନୱାଡ଼ି କେନ୍ଦ୍ରରେ ଅନେକ ସମସ୍ୟା ରହିଛି । ଏପରିକି ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ମଧ୍ୟରେ ବାଦ ବିବାଦ ସୃଷ୍ଟି ହୋଇଥିବାରୁ ସୋମବାରଠାରୁ ଶିଶୁମାନେ ଅଙ୍ଗନୱାଡ଼ି କେନ୍ଦ୍ର ଆସୁ ନ ଥିଲେ । ହେଲେ ଦାୟିତ୍ୱରେ ଥିବା ଅଧିକାରୀ ଏ ସଂକ୍ରାନ୍ତରେ ଅବଗତ ଥିଲେ ମଧ୍ୟ ଏହି ବିବାଦ ସମାଧାନ ହୋଇପାରିନାହିଁ । ଏ ନେଇ ବାରମ୍ବାର ଅଭିଯୋଗ ପରେ ଅଙ୍ଗନୱାଡ଼ି ସୁପରଭାଇଜର ସବିତା ମଲିକ ଶନିବାର ସମ୍ପୃକ୍ତ କେନ୍ଦ୍ରକୁ ଯାଇ ଅଭିଭାବକମାନଙ୍କୁ ଘଟଣା ବିଷୟରେ ପଚାରି ବୁଝିଛନ୍ତି ।

ନୂଆଗାଁ ବ୍ଲକ ସିକ୍ରିଡା ପଞ୍ଚାୟତ କୃଷ୍ଣପ୍ରସାଦ-୨ ଅଙ୍ଗନୱାଡ଼ି କେନ୍ଦ୍ରରେ ମଙ୍ଗଳପୁର , ବଡ଼ବାରଣା ,ଓ ଦୁମଦୁମାପଲି ଗ୍ରାମର ୧୩ ଜଣ ଶିଶୁ ରହିଥିବା ବେଳେ ୬ ଜଣ ପଡାପୃଷ୍ଟି ଗ୍ରାମର ରହିଛନ୍ତି ।



ସ୍କୁଲ ବାରଣ୍ଡାରେ ଅଙ୍ଗନୱାଡ଼ି କେନ୍ଦ୍ର ଚାଲିଥିବା ବେଳେ କର୍ମୀ ଓ ଜଣେ ଶିଶୁ ଉପସ୍ଥିତ ଅଛନ୍ତି ।

ସେଠାରେ କର୍ମୀ ଭାବେ ନିୟୋଜିତ ଥିବା ରୋସାଲିନ ମହାନ୍ତି ଓ ସହାୟିକା ରୂପାଲି ଅପରାଜିତା ମହାନ୍ତିଙ୍କ ମଧ୍ୟରେ ସୁସମ୍ପର୍କ ନାହିଁ । ପାରିବାରିକ ସମସ୍ୟାକୁ ନେଇ ଉଭୟଙ୍କ ମଧ୍ୟରେ ତିକ୍ତତା ଲାଗି ରହିଛି । ଯାହାର ପରିଣାମ ନିରୀହ ଶିଶୁମାନେ ଭୋଗୁଛନ୍ତି । ଅଙ୍ଗନୱାଡ଼ି କର୍ମୀ ରୋସାଲିନ ନିଜର କର୍ତ୍ତବ୍ୟ ଠିକ୍ ଭାବେ ନ କରି ସହାୟିକଙ୍କୁ ହଇରାଣ କରୁଥିବା ନେଇ ଅତୀତରେ ନୂଆଗାଁ ସିଡିପିଓଙ୍କୁ ସହାୟିକା ଅଭିଯୋଗ କରିଥିଲେ । ତେବେ ସ୍ଥାନୀୟ ଲୋକଙ୍କ ବୁଝାଶୁଝା ପରେ କିଛି ଦିନ ଠିକ୍ ଭାବେ କେନ୍ଦ୍ର ଚାଲିଥିଲା । ଗତ ସୋମବାରଠାରୁ ଜଣେ ଶିଶୁଙ୍କ ବ୍ୟତୀତ ଅନ୍ୟ କୌଣସି ଶିଶୁ କେନ୍ଦ୍ରକୁ ଆସୁ ନାହାନ୍ତି । ଏପରି କି ବୁଧବାର ପୋଲିଓ ଟୀକା ଦିବସରେ ମଧ୍ୟ ସହାୟିକା କିମ୍ବା ଅନ୍ୟ ୧୨ ଜଣ ଶିଶୁ ଆସି ନ ଥିବା କର୍ମୀ ଅଭିଯୋଗ କରିଛନ୍ତି । ଶିଶୁମାନେ କେନ୍ଦ୍ରକୁ ନ ଆସିବା ବିଷୟରେ କର୍ମୀ ରୋସାଲିନ ଅଭିଭାବକମାନଙ୍କୁ ପଚାରିବାରେ ଗାଁ ନିଷ୍ପତ୍ତିକ୍ରମେ ସେମାନେ ଶିଶୁମାନଙ୍କୁ ଛାଡୁ ନ ଥିବା ଜାଣିବାକୁ ପାଇଥିଲେ । ତେବେ ନିଜ ପରିବାରର ଝଗଡାକୁ ନେଇ ସହାୟିକା ଗ୍ରାମର କିଛି ଲୋକଙ୍କୁ ମାଧ୍ୟମ କରି ଅଙ୍ଗନବାଡି କର୍ମୀଙ୍କୁ ହଇରାଣ କରିବା ଉଦ୍ଦେଶ୍ୟରେ ଏପରି କରାଉଥିବା ନେଇ କର୍ମୀ ରୋସାଲିନ ସିଡିପିଓ ଶୁଭ୍ରକେଶୀ ମଲିକଙ୍କୁ ଚଳିତ ମାସ ୧୮ ତାରିଖରେ ଲିଖିତ ଅଭିଯୋଗ କରିଥିଲେ । କିନ୍ତୁ ଅଧିକାରୀ ଘଟଣାସ୍ଥଳକୁ ଯାଇ ତାହାର ସମାଧାନ ନ କରିବା ଯୋଗୁ ଶିଶୁମାନେ ଅଙ୍ଗନୱାଡ଼ି ସୁବିଧାରୁ ବଞ୍ଚିତ ହେଉଛନ୍ତି । ଅଙ୍ଗନୱାଡ଼ି କର୍ମୀ ରୋସାଲିନ ନିଜ ଶିଶୁକୁ ନେଇ ପ୍ରତିଦିନ କେନ୍ଦ୍ରକୁ ଯାଉଥବା ବେଳେ ଅନ୍ୟ କୌଣସି ଶିଶୁ କିମ୍ବା ସହାୟିକା ଆସୁ ନ ଥିବା ସେ କହିଛନ୍ତି । ଏ ବାବଦରେ ସେ ସୁପରଭାଇଜର ସବିତା ମଲିକ ଓ ସିଡିପିଓ ମଲିକଙ୍କୁ ଜଣାଇ ଥିଲେ ମଧ୍ୟ କୌଣସି ସମାଧାନ କରାଯାଇ ନାହିଁ । ସମସ୍ୟା ବାବଦରେ ସିଡିପିଓ ମଲିକଙ୍କୁ ପଚାରିବାରେ ଉଭୟ ପରିବାରର ଝଗଡ଼କୁ ନେଇ ଏଭଳି ସ୍ଥିତି ଉପୁଜୁଛି । ତେଣୁ ଆମେ ତାହାର ସମାଧାନ କରିବାକୁ ଚେଷ୍ଟା କରିବୁ ବୋଲି କହିଛନ୍ତି ।

## ସଂକ୍ଷେପରେ

## ଡିଏଭି ପବ୍ଲିକ୍ ସ୍କୁଲର ବାର୍ଷିକ କ୍ରୀଡ଼ା

**ନୟାଗଡ଼,୨୩।୧୨(ଲୋକନାଥ ମିଶ୍ର):** ନୟାଗଡ଼ ଡ଼ିଏଭି ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆଠାରେ ଅନୁଷ୍ଠିତ ହୋଇ ଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ନିକଟସ୍ଥ ନାରାୟଣୀ ମନ୍ଦିରରୁ ପାରମ୍ପରିକ ରୀତିରେ ଶିଶୁମାନଙ୍କ ଦ୍ୱାରା କ୍ରୀଡ଼ାଜ୍ୟୋତି ଅଣାଯାଇ ମୁଖ୍ୟଅତିଥି ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ କୁମାର ମିଶ୍ରଙ୍କ ଦ୍ୱାରା ଏହି ଉତ୍ସବକୁ ଉଦ୍‌ଘାଟନ କରାଯାଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ପୂର୍ବାହ୍ନ ୮ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିଥିଲା । ଅନ୍ୟତମ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ଯୋଗଦାନ କରି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ବିଦ୍ୟାଳୟର କ୍ରୀଡା ଶିକ୍ଷକ ରାଜୀବ କୁମାର ନାୟକ ଓ ବିଭିନ୍ନ ବିଦ୍ୟାଳୟର କ୍ରୀଡା ଶିକ୍ଷକଙ୍କ ସହଯୋଗରେ ସମସ୍ତ ପ୍ରତିଯୋଗିତାକୁ ସୁଚାରୁ ରୂପେ ପରିଚାଳନା କରାଯାଇଥିଲା । ଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସସ୍ମିତା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।

## ୫୫ ୟୁନିଟ୍ ରକ୍ତ ସଂଗ୍ରହ

**ଖଣ୍ଡପଡ଼ା,୨୩।୧୨(ଅଜୟ କୁମାର ମହାରଣା):** ଖଣ୍ଡପଡା ବ୍ଲକ ଅଧିନ କଣ୍ଟିଲୋ ହରିସୁବୁଦ୍ଧି ପାଟଣା ମା ମହାଲକ୍ଷ୍ମୀପୂଜା କମିଟି ହରିସୁବୁଦ୍ଧି ପାଟଣା ପକ୍ଷରୁ ଶନିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସ୍ଥାନୀୟ ରାଧାନାଥ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରୁ ୫୫ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଡ.ରଶ୍ମିକାନ୍ତ ମିଶ୍ର, ବ୍ଲଡବ୍ୟାଙ୍କ ପକ୍ଷରୁ କାଉନସିଲର ଅଜୟ କୁମାର ପଟ୍ଟନାୟକ, ଅଭିମନ୍ୟୁ ସାହୁ, ସରୋଜ କୁମାର ସାହୁ, ବିଷ୍ଣୁପ୍ରିୟା ସାହୁ, ସନ୍ତୋଷ ସାମନ୍ତ ସିଂହାର,ପଞ୍ଚୁ ଦଳେଇ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ । କମିଟିର ସଭାପତି ଶିବ ପ୍ରସାଦ ସାହୁଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପୂଜା କମିଟି ପକ୍ଷରୁ ସନ୍ଧ୍ୟାରେ ସ୍ୱାମୀ ଆତ୍ମଧାନାନନ୍ଦଗିରିଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ପୂଜକ ବାସୁଦେବ ମିଶ୍ର, ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦ ଚନ୍ଦ୍ର ଦାଶ, ବିଶିଷ୍ଟ କାଷ୍ଠଶିଳ୍ପ କାରିଗର ହରିହର ନାୟକ ଏବଂ ପରିବେଶବିତ୍ ଗଛସାର ଅନ୍ତର୍ଯ୍ୟାମୀ ସାହୁଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ନାଗରିକ ବ୍ୟକ୍ତି ବିଶେଷଙ୍କୁ କଣ୍ଟିଲୋ ମେଡିକାଲ ଭେଷଜ ମାନସ କୁମାର ସାହୁଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

ଖଣ୍ଡପଡ଼ା,୨୩।୧୨
(ଅଜୟ କୁମାର ମହାରଣା)

ଶୁକ୍ରବାର ଖଳିସାହି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୧୪ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ରୁପେ ଖଣ୍ଡପଡ଼ା ଅତିରିକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ ସୁବାସ ଚନ୍ଦ୍ର ସେଠୀ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ରୁପେ ଖଳିସାହି ପଞ୍ଚାୟତ ସରପଞ୍ଚ ଫକୀର ମୋହନ ଦାସ, ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟର ଅଧାପକ ପ୍ରଦୀପ କୁମାର ଦାଶ, ଶିକ୍ଷାବିତ୍ ଦୈତାରୀ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ଚନ୍ଦ୍ର ପ୍ରକାଶ ପୃଷ୍ଟି କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିବା ବେଳେ ସମ୍ପାଦକ ପ୍ରସନ୍ନ କୁମାର ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ।

## ଦଶପଲ୍ଲା କଲେଜରେ କ୍ରୀଡ଼ା ପ୍ରତିଯୋଗିତା



ତୀର ଚାଳନା ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ।

ଦଶପଲ୍ଲା,୨୩।୧୨
( ପ୍ରକାଶ କୁମାର ପାଣି)

ଦଶପଲ୍ଲା ବୃନ୍ଦାବନ ସୁବୁଦ୍ଧି ମହାବିଦ୍ୟାଳୟରେ ସରକାରଙ୍କ ପ୍ରାୟୋଜିତ ନୂଆ ଓ କାର୍ଯ୍ୟକ୍ରମ ଚାଲିଛି । ଶନିବାର +୩ କ୍ରୀଡ଼ା କ୍ଲବର ୩ ଟି ଗ୍ରୁପ ଛାତ୍ରମାନଙ୍କୁ ନେଇ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହେବା ସହିତ ଭଲିବଲ ପ୍ରତିଯୋଗୀତା ଆୟୋଜନ କରାଯାଇଥିଲା । ଉକ୍ତ ଉଚ୍ଚ ବିଦ୍ୟାଳୟର ଛାତ୍ର ସାଇ ଶିବୁଲ ସେଠ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଦକ୍ଷତା ଅର୍ଜନ କରିବା ସହିତ ଆଜିର ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଉକ୍ତ ପ୍ରତିଯୋଗିତାରେ କୋଚ୍ କୃଷ୍ଣ ଚନ୍ଦ୍ର ସେଠ, ଯୁଗ୍ମ ସେକ୍ରେଟାରୀ ଓଡ଼ିଶା ତୀରଚାଳନା ସଂଘ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟତମ ସଦସ୍ୟ ଶୁଭମ ଶକ୍ତି ମେହେର ପ୍ରତିଯୋଗୀମାନଙ୍କୁ ସହାୟତା କରିଥିଲେ. । ପ୍ରାରମ୍ଭରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଦୁଇ ନୋଡାଲ ଅଫିସର ନିହାର ରଞ୍ଜନ ପଣ୍ଡା ଓ ଅଧ୍ୟାପକ ଗୁରୁପ୍ରସାଦ ଦାସ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ସମାହିତ ହୋଇଥିଲା । ଦଶପଲ୍ଲାରେ ପ୍ରଥମ ଥରପାଇଁ ଏହି ପ୍ରତି ଯୋଗିତା ଆୟୋଜିତ କରାଯାଇଥିବା ଯୋଗୁ ଛାତ୍ରୀଛାତ୍ରଙ୍କ ଆଗ୍ରହ ବଢିବା ସହିତ କ୍ରୀଡାର ଭରପୁର ମଜା ଉଠାଇ ଥିଲେ ।

## 'ମା' ପିଲାମାନଙ୍କର ପ୍ରଥମ ଶିକ୍ଷୟିତ୍ରୀ'

ଖଣ୍ଡପଡା,୨୩।୧୨(ଅଜୟ କୁମାର ମହାରଣା)

ଆଜିର ସମାଜରେ ବିଶୃଙ୍ଖଳା ଦେଖା ଦେଉଛି। କୋମଳମତି ପିଲାମାନେ କୁସଙ୍ଗରେ ପଡି ବିପଥଗାମୀ ହୋଇଥାଆନ୍ତି । ତେବେ ଏହାର ନିରାକରଣ ତଥା ଶିଶୁଟିରେ ସୁରକ୍ଷା ଦୃଷ୍ଟିରୁ ସମାଜରେ ପ୍ରତ୍ୟେକ ମାତା ପିତା ତଥା ସମ୍ପର୍କୀୟମାନେ ଏଦିଗରେ ଯତ୍ନବାନ ଓ ସଚେତନ ହୋଇ କାର୍ଯ୍ୟ ସମ୍ପାଦନ କଲେ ପିଲା ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇ ପାରିବ। ଏହାଛଡା ମା'ମାନେ ହେଉଛନ୍ତି ପିଲାମାନଙ୍କର ପ୍ରଥମ ଶିକ୍ଷୟିତ୍ରୀ ବୋଲି ଶନିବାର ଖଣ୍ଡପଡା ସହରାଞ୍ଚଳସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ତ୍ରୟୋଦଶ ବାର୍ଷିକ ଉତ୍ସବ ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତିଆନୁକୁଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୀଳମାଧବ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ.ପବିତ୍ର କୁମାର ସୁବୁଦ୍ଧି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ମତବ୍ୟକ୍ତ କରିଛନ୍ତି । ମୁଖ୍ୟବକ୍ତା ଭାବେ ଓଡିଶା ଶିକ୍ଷା ବିକାଶ ସମିତି ପୂର୍ବ ସଂଭାଗ ସଭାପତି କୁଳମଣୀ ମିଶ୍ର ଯୋଗଦେଇଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ଛାତ୍ରୀ ଛାତ୍ର ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ପରିବେଷଣ କରାଯାଇଥିଲା । ଅନୁଷ୍ଠାନର ସଭାପତି କାଶୀନାଥ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମ୍ପାଦକ ଚରଣ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରବିନ୍ଦ୍ର କୁମାର ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର କୁନି କୁନି ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

## ମହିଳାଙ୍କୁ ଆକ୍ରମଣ ମାମଲା, ଅଭିଯୁକ୍ତଙ୍କୁ ଜେଲଦଣ୍ଡ

**ନୟାଗଡ଼,୨୩।୧୨(ଲୋକନାଥ ମିଶ୍ର):** ନୟାଗଡ଼ ଏସ୍‌ଡିଜେଏମ୍ କୋର୍ଟରେ ଶୁକ୍ରବାର ଇଟାମାଟି ଥାନା ବଉଳସାହି ଗାଁରେ ମହିଳାଙ୍କୁ ଆକ୍ରମଣ କରିବା ମାମଲାର ରାୟ ପ୍ରକାଶ ପାଇଛି। ନୟାଗଡ଼ ଏସ୍‌ଡିଜେଏମ୍ ସୌଭାଗ୍ୟ ରଞ୍ଜନ ପ୍ରଧାନ ୧୨ ଜଣଙ୍କ ସାକ୍ଷ, ପ୍ରମାଣ, ସରକାରୀ ଓ ପ୍ରତିପକ୍ଷ ଓକିଲଙ୍କ ଜବାବସୁଆଲକୁ ବିଚାରକୁ ନେଇ ଅଭିଯୁକ୍ତ ବଉଳସାହିର ପ୍ରଦ୍ୟୁମ୍ନ କୁମାର ରଥଙ୍କୁ ୩୪୧,୩୨୩ ଓ ୩୨୫ ଦଫାରେ ୨ ବର୍ଷ ୭ ମାସ ଜେଲ ଦଣ୍ଡ ସହ ୩ହଜାର ୫ଶହ ଟଙ୍କା ଜରିମାନା କରିଛନ୍ତି। ୨୦୨୧ ଜାନୁୟାରୀ ୧ ତାରିଖରେ ଇଟାମାଟି ଥାନା ବଉଳିସାହି ଗାଁର ମନୋରମା ରଥ ଏବଂ ତାଙ୍କ ସ୍ୱାମୀଙ୍କୁ ସେହି ଗାଁର ପ୍ରଦ୍ୟୁମ୍ନ ଆକ୍ରମଣ କରିଥିଲେ । ଆକ୍ରମଣରେ ଦମ୍ପତି ଗୁରୁତର ହୋଇ ଚିକିତ୍ସିତ ହୋଇଥିଲେ। ଏନେଇ ମନୋରମା ଇଟାମାଟି ଥାନାରେ ଅଭିଯୋଗ କରିଥିଲେ । ଉକ୍ତ ଘଟଣାର ବିଚାର ଏସ୍‌ଡିଜେଏମ୍ କୋର୍ଟରେ ଚାଲିଥିଲା । ମାମଲାକୁ ସରକାରୀ ଓକିଲ ପ୍ରଶନ୍ନ କୁମାର ରଥ ପରିଚାଳନା କରିଥିଲେ ।

## ବଳାତ୍କାରୀଙ୍କୁ ୨୫ ବର୍ଷ ସଶ୍ରମ କାରାଦଣ୍ଡ

ନୟାଗଡ଼,୨୩।୧୨(ଲୋକନାଥ ମିଶ୍ର)

ନୟାଗଡ଼ ପୋକ୍‌ସୋ କୋର୍ଟରେ ଦଶପଲ୍ଲା ଥାନା ଅଞ୍ଚଳର ୧୪ ବର୍ଷିୟା ନାବାଳିକା ବଳାତ୍କାର ମାମଲାର ରାୟ ଶନିବାର ପ୍ରକାଶ ପାଇଛି । ପୋକ୍‌ସୋ କୋର୍ଟ ବିଚାରପତି ମାନସ କୁମାର ପଣ୍ଡା ୨୩ ସାକ୍ଷଙ୍କ ବୟାନ, ଡାକ୍ତରୀ ରିପୋର୍ଟ, ପ୍ରମାଣ, ସରକାରୀ ଓ ପ୍ରତିପକ୍ଷ ଓକିଲଙ୍କ ଜବାବ ସୁଆଲକୁ ଆଧାର କରି ଦଶପଲ୍ଲା ଥାନା ଗୋବର୍ଦ୍ଧନପୁର ଗାଁର ଅଜୟ କୁମାର ନାୟକ(୨୮)ଙ୍କୁ ୨୫ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଅନ୍ୟପକ୍ଷେ ୧୨ ହଜାର ଜରିମାନା, ଜରିମାନା ଅନାଦୟେ ୨ବର୍ଷ ଅଧିକ ଜେଲଦଣ୍ଡ ନିର୍ଦ୍ଦେଶ ଦେଇଛନ୍ତି । ସେହିଭଳି ପୀଡ଼ିତାଙ୍କୁ ୬ ଲକ୍ଷ ଟଙ୍କାର ସହାୟତା ଦେବାକୁ ଜିଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ମାମଲାର ବିବରଣୀ ଅନୁଯାୟୀ, ପୀଡ଼ିତା ଟିଭି ଦେଖିବାକୁ ଯାଇଥିବାବେଳେ ଗୋବର୍ଦ୍ଧନପୁର ଗାଁର ଅଜୟ ଦୁଇ ସହଯୋଗୀଙ୍କ ସହାୟତାରେ ୨୦୨୧ ନଭେମ୍ବର ୧୫ ସନ୍ଧ୍ୟାରେ ଅପହରଣ କରି ନେଇଥିଲେ । ପରେ ଦଶପଲ୍ଲାର ଭିନ୍ନ ଭିନ୍ନ ଅଞ୍ଚଳରେ ରଖି ବାରମ୍ବାର ବଳାତ୍କାର କରିଥିଲେ । କୌଣସି ସୂତ୍ରରୁ ପୀଡ଼ିତାଙ୍କ ଭାଇ ଏ ସଂକ୍ରାନ୍ତରେ ଖବର ପାଇ ଚତୁରତାର ସହ ଭଉଣୀକୁ ଉଦ୍ଧାର କରି ପୋଲିସକୁ ଅବଗତ କରାଇଥିଲେ । ପୀଡ଼ିତାଙ୍କ ଅଭିଯୋଗକୁ ନେଇ ଦଶପଲ୍ଲା ଥାନା ପୋଲିସ ଏକ ମାମଲା(ନଂ.୨୨୩/୨୧) ରୁଜୁ କରି ତଦନ୍ତ କରିଥିଲା । ପରେ ସେହି ସମୟର ତଦନ୍ତକାରୀ ଅଧିକାରୀ ଜୟ ପ୍ରକାଶ ପରିଡ଼ା ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଅଭିଯୁକ୍ତ ନୟାଗଡ଼ ଜେଲରେ ଅଛନ୍ତି । ସରକାରଙ୍କ ପକ୍ଷରୁ ଆଇନଜୀବୀ ଦାଶରଥୀ ସାହୁ ମକଦ୍ଦମା ପରିଚାଳନା କରୁଥିଲେ ।

## ଆଜିଠୁ ଜିଲା ମହୋତ୍ସବ

**ନୟାଗଡ଼,୨୩।୧୨(ଲୋକନାଥ ମିଶ୍ର):** ରବିବାର ସନ୍ଧ୍ୟାରେ ନୟାଗଡ଼ ଜିଲା ମହୋତ୍ସବ ନୟାଗଡ଼ ଷ୍ଟାଡିୟମରେ ଉଦ୍‌ଘାଟିତ ହେବ । କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହାକୁ ଉଦ୍‌ଘାଟନ କରିବେ । ଡିସେମ୍ବର ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ହେବ । ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାକୁ ସରସ ସୁନ୍ଦର କରିବା ପାଇଁ ବିଭିନ୍ନ କମିଟି ସେମାନଙ୍କ ଶେଷ ପ୍ରୟାସ କରିଛନ୍ତି । ଶନିବାର ନୟାଗଡ଼ ଜଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ଉପଜିଲାପାଳ ଶକ୍ତିକାନ୍ତ ରାୟଙ୍କ ଅଧ୍ୟକ୍ଷତାରେ ଜିଲା ମହୋତ୍ସବର ସାଂସ୍କୃତିକ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି ।

## ଓଡ଼ଗାଁ କଲେଜରେ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ଓଡ଼ଗାଁ,୨୩।୧୨
(ଆଦର୍ଶ କୁମାର ପଟ୍ଟନାୟକ )

ରଘୁନାଥ ସମବାୟ ମହାବିଦ୍ୟାଳୟ ଓଡ଼ଗାଁ ଖେଳପଡ଼ିଆରେ 'ନୂଆ-ଓ' ଯୁବ ଓଡ଼ିଶା,ନବୀନ ଓଡ଼ିଶା କ୍ରୀଡ଼ା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ସମାଜ ବିଜ୍ଞାନ ବିଭାଗୀୟ ମୁଖ୍ୟ ସମ୍ବିତ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥିରୂପେ 'ନୂଆ-ଓ' ସଂଯୋଜକ ପ୍ରଦୀପ୍ତ କୁମାର ବିଶ୍ୱାଳ,ସମ୍ମାନୀତ ଅତିଥିରୂପେ ଓଡ଼ଗାଁ ବ୍ଲକ ସାମ୍ବାଦିକ ସଂଘ ସଭାପତି ଅଶୋକ କୁମାର ମହାପାତ୍ର, କୋଷାଧ୍ୟକ୍ଷ ସାରସ କୁମାର ମିଶ୍ର,ବିଶିଷ୍ଟ ଅତିଥିରୂପେ ଅଧ୍ୟାପକ ସୋହମ ପଣ୍ଡା ପ୍ରମୁଖ ଯୋଗ ଦେଇ ଯୁବଶକ୍ତିଙ୍କ ସର୍ବାଙ୍ଗୀନ ବିକାଶ ଦେଶ ପାଇଁ ମଙ୍ଗଳଦାୟକ। ଏହି ଆଭିମୁଖ୍ୟକୁ ଚରିତାର୍ଥ କରିବା ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମ ପ୍ରଶଂସନୀୟବୋଲି ମତବ୍ୟକ୍ତ କରିଥିଲେ। ୩ ଦିନି ଧରି ଚାଲିଥିବା କ୍ରୀଡା ଉତ୍ସବରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲମ୍ବ ଡିଆଁ,ଉଚ୍ଚ ଡିଆଁ,ଜାଭେଲିନ,ଦୌଡ଼,କ୍ରିକେଟ,ବ୍ୟାଡମିଣ୍ଟନ,ଚେସ,କ୍ୟାରମ,ଭଲି,ଶଟ୍‌ପୁଟ୍ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ 'ନୂଆ-ଓ' ନୋଡାଲ ଅଫିସର ଜିତେନ କୁମାର ପରିଡ଼ା ପୌରୋହିତ୍ୟ କରିଥିଲେ। ଶେଷରେ କ୍ରୀଡ଼ା ପତାକାକୁ ଅବତରଣ କରାଯାଇଥିଲା ।

## କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକୋତ୍ସବ

ନୟାଗଡ଼,୨୩।୧୨(ଲୋକନାଥ ମିଶ୍ର)

ନୟାଗଡ଼ସ୍ଥ ପ୍ରଧାନମନ୍ତ୍ରୀ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇ ଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ପ୍ରେମ ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରବନ୍ଧନ ସମିତି ଅଧ୍ୟକ୍ଷ ତଥା ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକ, ନୟାଗଡ଼ ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷ ଏସଟି ରହମନ ଅତିଥି ରୂପେ ଯୋଗ ଦେଇଥିଲେ । କମ୍ପ୍ୟୁଟର ବିଜ୍ଞାନ ଅଧ୍ୟକ୍ଷ ନବ କିଶୋର ସେଠୀ ମଞ୍ଚାସୀନ ଥିବାବେଳେ ସଂସ୍କୃତ ଶିକ୍ଷକ ଅକ୍ଷୟ କୁମାର ସାହୁ ସଂଯୋଜନା କରିଥିଲେ । ଗଣିତ ଶିକ୍ଷକ ବି.ଏନ. ସାହୁ ଧନ୍ୟବାଦ ଦେଇଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୨୦୦ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ସଂସ୍କୃତିକ ଆସର ଛାତ୍ରୀଛାତ୍ରଙ୍କ ପକ୍ଷରୁ ଅନୁଷ୍ଠିତ ହୋଇଥିଲା ।



ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥି।

# ଅମେଇମୁହାଁବାସୀଙ୍କ ଭରସା ଚୁଆପାଣି

ନୂଆଗାଁ,୨୩।୧୨ ( ଧନେଶ୍ୱର ସାହୁ)

ପ୍ରତି ଗାଁକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ କରାଯାଇଥିବା ସରକାର କହୁଛନ୍ତି । ହେଲେ ତାହାର ଭିନ୍ନ ଚିତ୍ର ଦେଖିବାକୁ ମିଳିଛି ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସିକ୍ରିଡା ପଞ୍ଚାୟତ ଅମେଇମୁହାଁ ଗ୍ରାମରେ । ଗାଁକୁ ଲାଗି ରହିଥିବା ନଦୀ ଜଳକୁ ଭରସା କରି ଦିନ ବିତାଉଛନ୍ତି ଗ୍ରାମବାସୀ ।

ନୂଆଗାଁ ବ୍ଲକରେ ଅନୁଷ୍ଠିତ ହେଉଥିବା ପ୍ରତି ସମିତି ବୈଠକରେ ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ଆଲୋଚନା କରାଯାଉଛି। ସେଥିପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟ , ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଆଦିରୁ ଅନେକ ଅନୁଦାନ ଦିଆଯାଉଛି । ହେଲେ ଆଜି ପର୍ଯ୍ୟନ୍ତ ପାନୀୟ ଜଳ ସମସ୍ୟା ଦୂର ହୋଇ ପାରୁନାହିଁ । ନୟାଗଡ଼ ସଦର କାର୍ଯ୍ୟାଳୟଠାରୁ ମାତ୍ର ୩୦ କି.ମି. ଦୂର ନୂଆଗାଁ ବ୍ଲକ ସିକ୍ରିଡା ପଞ୍ଚାୟତ ଅମେଇମୁହାଁ ଗ୍ରାମରେ ପ୍ରାୟ ୨୦ଟି ପରିବାର ବସବାସ କରନ୍ତି । ସେମାନଙ୍କ ବ୍ୟବହାର ନିମନ୍ତେ ଗାଁରେ ଗୋଟିଏ ମାତ୍ର ନଳକୂଅର ବ୍ୟବସ୍ଥା କରାଯାଇଛି । ତେବେ


ମହିଳାମାନେ ନଦୀରେ ଚୂଆ ଖୋଳି ପାଣି ସଂଗ୍ରହ କରୁଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ ଉକ୍ତ ନଳକୂଅ ପାଣିରେ ରୋଷେଇ କରିବା ଓ ପାନୀୟ ଜଳ ଯୋଗ୍ୟ ନୁହେଁ । ନଳକୂଅ ପାଣିରେ ରୋଷେଇ କଲେ ଭାତ ହଳଦିଆ ପଡିବା ସହ ଭାତ କିଛି ସମୟ ରହିଗଲେ ତାହା ନଷ୍ଟ ହୋଇ ଯାଉଛି । ଏ ନେଇ ବାରମ୍ବାର ଅଭିଯୋଗ କରିବା ପରେ ନିକଟସ୍ଥ କୃଷ୍ଣପ୍ରସାଦ ପାଣି ପମ୍ପରୁ ଅମେଇମୁହାଁ ଗ୍ରାମବାସୀଙ୍କୁ ପାଣି ଯୋଗାଇ ଦିଆଯାଉଥିଲା । କିନ୍ତୁ ପ୍ରାୟ ଏକ ବର୍ଷ ହେଲା ତାହା ବନ୍ଦ କରି ଦିଆଯାଇଛି । ପାଇପ୍ ଯୋଗେ ପାଣି ବନ୍ଦ କରିବା ବାବଦରେ ସଂପୃକ୍ତ ପମ୍ପ ହାଉସ ଚଳାଉଥିବା ବ୍ୟକ୍ତିଙ୍କୁ ଅମେଇମୁହାଁ ଗ୍ରାମବାସୀ ପଚାରିବାରେ କୃଷ୍ଣପ୍ରସାଦ ଗ୍ରାମବାସୀଙ୍କ ନିମନ୍ତେ ଚାହିଦା ଅନୁଯାୟୀ ପାଣି ହେଉନି । ତେଣୁ ଅମେଇମୁହାଁ ଗ୍ରାମକୁ ପାଣି ଛାଡି ହେବ ନାହିଁ ବୋଲି କହୁଛନ୍ତି । ପାଇପ୍ ଯୋଗେ ଜଳ ଯୋଗାଣ ବନ୍ଦ ହେବା ପରେ ପୁଣି ସେହି ନଦୀ ଚୂଆପାଣିକୁ ଭରସା କରିଛନ୍ତି ଗ୍ରାମବାସୀ । ପ୍ରତିଦିନ ସକାଳୁ ଗାଁର ମହିଳାମାନେ ଗରା, ମାଠିଆ, ଡେକଚି ଆଦି ଧରି ନଦୀରେ ନିର୍ମାଣ ହୋଇଥିବା ଆଡିବନ୍ଧ ତଳୁ ଚୁଆ ଖୋଳି ପାଣି ଆଣୁଛନ୍ତି । ସେହି ନଦୀରେ ଆଡି ବନ୍ଧ ନିର୍ମାଣ ପରେ ନଦୀ ଭିତରକୁ ଯିବାରେ ଅସୁବିଧା ହେଉଥିଲେ ମଧ୍ୟ ବିପଦପୂର୍ଣ୍ଣ ଅବସ୍ଥାରେ ଖରା, ବର୍ଷା,ଶୀତ ସବୁବେଳେ ନଦୀରୁ ପାଣି ଆଣିବାକୁ ପଡୁଛି ବୋଲି ଗ୍ରାମର ମିନତୀ ନାୟକ , ସୁମିତ୍ରା ଜାନି , କମା ନାୟକ , ସୁରେଖା ପ୍ରଧାନ, ମିନତୀ ପ୍ରଧାନ , ନିଶା ପ୍ରଧାନଙ୍କ ସମେତ ସମସ୍ତ ଗ୍ରାମବାସୀ କହିଛନ୍ତି । ଏପରି କି ବର୍ଷା ଦିନେ ଦୁଇ ତିନି ଦିନ ପାଇଁ ପାଣି ଆଣି ଘରେ ରଖିବାକୁ ପଡୁଛି ବୋଲି କହିଛନ୍ତି । ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଉଥିବା ନେଇ ପ୍ରତି ଗାଁ ମୁଣ୍ଡରେ ଫଳକ ଲଗା ଯାଇଥିବା ବେଳେ ତାହା ଅମେଇମୁହାଁବାସୀଙ୍କ ପାଇଁ ସ୍ୱପ୍ନ ହୋଇ ରହିଯାଇଛି । ଗାଁରେ ନୂତନ କୂଅ ଖୋଳି ସେଥିରେ ସୋଲାର ବ୍ୟବସ୍ଥା କରିବା ସହିତ ଗ୍ରାମବାସୀଙ୍କୁ ପାଇପ୍ ଯୋଗେ ପାଣି ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି । ଏ ବାବଦରେ ନୂଆଗାଁ ବିଡିଓ ବାସୁଦେବ ନାୟକଙ୍କୁ ପଚାରିବାରେ ସମ୍ପୃକ୍ତ ପଞ୍ଚାୟତ ସରପଞ୍ଚ ଓ ବିଭାଗୀୟ ଯନ୍ତ୍ରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି ।

